## ସଂକ୍ଷେପରେ

### ଶିବମନ୍ଦିର ଦାନବାକ୍ସ ଭାଙ୍ଗି ଚୋରି



କୋକସରା,୨୧।୧୧(ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ): କଳାହାଣ୍ଡି ଜିଲା କୋକସରା ଥାନା କୁସୁମଖୁଣ୍ଟି ନୀଳକଣ୍ଠେଶ୍ୱର ଶିବମନ୍ଦିର ମୁଖ୍ୟ ଗେଟ୍‌ଗ୍ରୀଲ ଭାଙ୍ଗି ଚୋରି ଅଭିଯୋଗ ହୋଇଛି। ଗୁରୁବାର ସକାଳୁ ମନ୍ଦିର ପୂଜକ ଅଶୋକ କୁମାର ଦାସ ପୂଜା କରିବା ପାଇଁ ଯିବା ସମୟରେ ଏହା ଦେଖି ମନ୍ଦିର ଟ୍ରଷ୍ଟ ସଦସ୍ୟଙ୍କୁ ସୂଚନା ଦେଇଥିଲେ। ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯିବା ପରେ ମୋଟେର ଫାଣ୍ଡି ଅଧିକାରୀ ମନୋରଞ୍ଜନ ଆଚାର୍ଯ୍ୟ ପହଞ୍ଚି ତଦନ୍ତ ସମୟରେ ମନ୍ଦିର ହୁଣ୍ଡିର ତାଲା ଭାଙ୍ଗି ଟଙ୍କା ନେଇଯାଇଥିବା ଦେଖିଥିଲେ। ତେବେ କେତେ ଟଙ୍କା ଚୋରି ହୋଇଛି ଜଣାପଡି ନାହିଁ। ପୂର୍ବରୁ ମଧ ମନ୍ଦିରରୁ ଚୋରି ହୋଇଥିବା ବେଳେ ସୁରକ୍ଷା ପାଇଁ ସିସିଟିଭି ଓ ରାତ୍ରି ଜଗୁଆଳି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ଡିସେମ୍ବର ୧୪ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଭବାନୀପାଟଣା,୨୧।୧୧(ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଓ ତାଲୁକସ୍ତରୀୟ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ଡିସେମ୍ବର ୧୪ରେ ଅନୁଷ୍ଠିତ ହେବ। ଏ ନେଇ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଲୋକ ଅଦାଲତରେ ଫୌଜଦାରୀ (ସାଲିସଯୋଗ୍ୟ) ଚେକ୍‌ବାଉନ୍ସ ମାମଲା, ବ୍ୟାଙ୍କରଣ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ), ଜମି ଅଧିଗ୍ରହଣ ଇତ୍ୟାଦିର ଆପୋସ ସହମତିରେ ସମାଧାନ କରାଯାଇପାରିବ। କେବଳ ବିଚାରାଧୀନ ମକଦ୍ଦମା ନୁହେଁ ପ୍ରାକ ମକଦ୍ଦମାସ୍ତରୀୟ (କଚେରୀରେ ଦାୟର ହୋଇ ନ ଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ ଆଦିର ମଧ ସମାଧାନ ହୋଇପାରିବ।

### ଜନବସତିରେ ମୁକୁଳା ଟ୍ରାନ୍ସଫର୍ମର



କୋକସରା,୨୧।୧୧ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ): କଳାହାଣ୍ଡି ଜିଲା କୋକସରା ବ୍ଲକ୍ ରେଙ୍ଗାଲପାଲି ପଞ୍ଚାୟତ ଡଙ୍ଗରିଗୁଡ଼ା ଗ୍ରାମ ଜନବସତି ସ୍ଥାନରେ ବିଦ୍ୟୁତ୍ ଟ୍ରାନ୍ସଫର୍ମରଟି ମୁକୁଳା ଅବସ୍ଥାରେ ରହି ବିପଦ ସୃଷ୍ଟି କରୁଛି। ଗ୍ରାମର ମୁଖ୍ୟ ରାସ୍ତାକଡ଼ରେ ଥିବା ଟ୍ରାନ୍ସଫର୍ମର ନିକଟରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଜଗନ୍ନାଥ ମନ୍ଦିର ରହିଛି। ଏହି ରାସ୍ତାଦେଇ ଛାତ୍ରୀଛାତ୍ର ଯାତାୟାତ କରୁଥିବା ବେଳେ ଗ୍ରାମର ଗୃହପାଳିତ ପଶୁଙ୍କ ପାଇଁ ମଧ ବିପଦ ରହିଛି। ପୂର୍ବରୁ ଏ ନେଇ ବିଦ୍ୟୁତ୍ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କୁ ଅଭିଯୋଗ କରାଯାଇଥିଲେ ମଧ ଜନସାଧାରଣ ଓ ଗୃହପାଳିତ ପଶୁଙ୍କ ସୁରକ୍ଷା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଗ୍ରାମବାସୀ କହିଛନ୍ତି। ଏ ନେଇ କୋକସରା ସେକ୍ସନ ଟାଟା ପାୱାର କନିଷ୍ଠ ଯନ୍ତ୍ରୀ ବ୍ରଜମୋହନ ଦଳେଇଙ୍କ ପ୍ରତିକ୍ରିୟା ନେବାରୁ ଶୀଘ୍ର ଟ୍ରାନ୍ସଫର୍ମର ଚାରିକଡ଼େ ପାଚେରି ନିର୍ମାଣ କରାଯିବ ବୋଲି କହିଛନ୍ତି।

# ଧର୍ମଗଡ଼ରେ ଚାଷୀଙ୍କ ବିକ୍ଷୋଭ ସମାବେଶ

**ରବି ଚାଷ ପାଇଁ ଜଳଯୋଗାଣ ବନ୍ଦର ପ୍ରତିବାଦ**

ଧର୍ମଗଡ଼,୨୧।୧୧(ଆକାଶ କୁମାର ଜଗତ)

ଇନ୍ଦ୍ରାବତୀ ମେଗାଲିଫ୍ଟ କେନାଲରୁ ଆସନ୍ତା ରବି ଚାଷ ପାଇଁ ଜଳସେଚନ ବନ୍ଦ ରହିବା ନେଇ ଇନ୍ଦ୍ରାବତୀ ମେଗାଲିଫ୍ଟ କୁସୁମଖୁଣ୍ଟି କାର୍ଯ୍ୟାଳୟରୁ ବିଭାଗୀୟ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ଆଞ୍ଚଳିକ କୃଷକ ସଂଗଠନ ପକ୍ଷରୁ ଗୁରୁବାର ଧର୍ମଗଡ଼ଠାରେ ବିକ୍ଷୋଭ ପ୍ରଦର୍ଶନ ସହ ଚାରି ଛକଠାରେ ରାସ୍ତାରୋକ କରାଯାଇଥିଲା। ଫଳରେ ଧର୍ମଗଡ-ଜୁନାଗଡ଼ ସହରକୁ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ପୂର୍ବରୁ କେନାଲ ପାଣି ଯୋଗାଇବା ଦାବିରେ ଅଞ୍ଚଳର ଚାଷୀମାନେ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହା ପରେ ବି କୌଣସି ପ୍ରତିକାର ନ ହେବାରୁ କୃଷକ ସଂଗଠନ ପକ୍ଷରୁ ଆନ୍ଦୋଳନ ନିଷ୍ପତ୍ତି ନିଆଯାଇଥିଲା। ଚାଷୀ ନେତା ତୁଷାର ରଞ୍ଜନ ପଙ୍ଗଯୋଷୀ, ଡମ୍ବରୁଧର ଲହଜଲ, ଦିଗମ୍ବର ଦୁରିଆ, ମନୋଜ ପଣ୍ଡା, ଡାକେଶ୍ୱର ଲହଜଲ, ଦେବେନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ସହ ଧର୍ମଗଡ଼ ଚାରି ଛକଠାରେ ରାସ୍ତାରୋକୋ କରିଥିଲେ। ଘଟଣାସ୍ଥଳରେ ଧର୍ମଗଡ ଉପଜିଲାପାଳ ଧୀମାନ ଚକମା ପହଞ୍ଚି ଜଳ ଯୋଗାଣ ନେଇ ଏକ ମିଳିତ ବୈଠକ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଅପରାହ୍ଣରେ ରାସ୍ତାରୋକୋ ହଟିଥିଲା। ଇନ୍ଦ୍ରାବତୀ ନିର୍ବାହୀ ଯନ୍ତ୍ରୀ ଓ ଚାଷୀ ସଂଗଠନର ଏକ ମିଳିତ ବୈଠକ କରାଯାଇ ସମସ୍ତ ଅଞ୍ଚଳକୁ କିପରି ରବି ଋତୁରେ ଜଳସେଚିତ ହୋଇପାରିବ ତା’ ଉପରେ ନିଷ୍ପତ୍ତି ନିଆଯିବ ବୋଲି ଉପଜିଲାପାଳ ଚକମା ପ୍ରକାଶ କରିଛନ୍ତି।




ଚାଷୀମାନେ ରାସ୍ତାରୋକୋ କରିଛନ୍ତି।

# ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ରକ୍ତଦାନ ଶିବିର, ୬୦ ୟୁନିଟ୍ ରକ୍ତ ସଂଗ୍ରହ

ଭବାନୀପାଟଣା,୨୧।୧୧ (ଉତ୍ତମ କୁମାର ଦାଶ)

ଭବାନୀପାଟଣାସ୍ଥିତ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ପୁରୁଷ ବିଭାଗ-୧ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଅଧିକାରୀ ଜୟନ୍ତ କୁମାର ଦନସନାଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ମୁଖ୍ୟ ଅତିଥି ଭାବେ ରକ୍ତଦାନକରି ଶିବିର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳସଚିବ ପୀତାମ୍ବର ଭୋଇ, କାର୍ଯ୍ୟକ୍ରମ ସଂଯୋଜକ ଡ. ଚିତ୍ତରଞ୍ଜନ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ରକ୍ତଦାନର ମହତ୍ତ୍ୱ ବିଷୟରେ ସୂଚନା ଦେଇଥିଲେ। ଭବାନୀପାଟଣା ବ୍ଲଡ୍‌ବ୍ୟାଙ୍କ ପକ୍ଷରୁ ବିବେନ୍ଦୁ ବଳ, ଗିରୀଶ ନାୟକ, ଅଜିତ କୁମାର ନାୟକ ପ୍ରମୁଖ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ। ଶିବିରରେ ବହୁ ଛାତ୍ରୀଛାତ୍ର ଉତ୍ସାହର ସହ ରକ୍ତଦାନ କରିଥିବା ବେଳେ ମୋଟ ୬୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସେଥିମଧ୍ୟରୁ ଅଧିକରୁ ଅଧିକ ଛାତ୍ରୀ ରକ୍ତଦାନ କରିଥିଲେ। ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ବ୍ୟୁରୋ ସଂଯୋଜକ ଚିତ୍ତରଞ୍ଜନ ଖୁଣ୍ଟିଆ ଏହାର ସଫଳତା ପାଇଁ ସମସ୍ତ ରକ୍ତଦାତା, ଅଧ୍ୟାପକ ଓ ସ୍ୱେଚ୍ଛାସେବୀଙ୍କୁ ଧନ୍ୟବାଦ ଦେଇଥିଲେ।




ଭାରପ୍ରାପ୍ତ କୁଳପତି ରକ୍ତଦାନ କରୁଛନ୍ତି।

# କଳାହାଣ୍ଡିକୁ ମାଛ ଚାଷର ହବ୍ କରିବା ପାଇଁ ଆହ୍ୱାନ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ମତ୍ସ୍ୟ ଚାଷୀମାନେ।

**ଜିଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ପାଳନ**

ଭବାନୀପାଟଣା,୨୧।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ରିଷିଗାଁ ଛକ ନିକଟ ଏସ୍‌ଏନ୍ କଲ୍ୟାଣ ମଣ୍ଡପଠାରେ ଗୁରୁବାର ଜିଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ପାଳିତ ହୋଇଯାଇଛି। ଜିଲା ମତ୍ସ୍ୟ ବିଭାଗ ସମେତ କର୍ତ୍ତବ୍ୟ ଅନୁଷ୍ଠାନ, ଦାପ୍ତା ଓ ରିଲାଇନ୍ସ ଫାଉଣ୍ଡେଶନର ମିଳିତ ଉଦ୍ୟମରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଜିଲା ମତ୍ସ୍ୟ ଅଧିକାରିଣୀ ଦ୍ରୌପଦି ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଡିଡିଏଫ୍ ଅରୁଣ କୁମାର ବେହେରା, କର୍ତ୍ତବ୍ୟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଶୋକ ପଟ୍ଟନାୟକ, ରିଲାଇନ୍ସ ଫାଉଣ୍ଡେଶନର ରାଧା ଠାକୁର, ଜିଲା ପ୍ରାଣୀ ସମ୍ପଦ ବିଭାଗର ତାଲିମ ସଂଯୋଜକ ଡାକ୍ତର କେଦାରନାଥ ଖମାରୀ, ଜଳଛାୟା ବିଭାଗର ସାଗରିକା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ମତ୍ସ୍ୟ ଅଧିକାରିଣୀ ମାଝୀ ଏହି ଦିବସର ଗୁରୁତ୍ୱ ଉପରେ କହିଥିଲେ। ସେହିପରି ଜଳାଶୟକୁ ସଫା ରଖିବା ସହ ମାଛ ଯାଆଁଳା ବୃଦ୍ଧିକରି କଳାହାଣ୍ଡିକୁ ମାଛ ଚାଷର ହବ୍ କରିବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଗ୍ରାମାଞ୍ଚଳର ଏସ୍‌ଏଚ୍‌ଜି ମହିଳା ମତ୍ସ୍ୟଚାଷ କରି କିପରି ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି ଏବଂ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଓ ମତ୍ସ୍ୟ ପୋଖରୀ ଯୋଜନା ଉପରେ ମିଳୁଥିବା ସରକାରୀ ସହାୟତା ଉପରେ କହିଥିଲେ।ଏହି ଅବସରରେ ଜିଲାର ସଫଳ ମତ୍ସ୍ୟଚାଷୀମାନଙ୍କୁ ସମ୍ମାନିତ କରାଯାଇଥିଲା। କେତେଜଣ ମତ୍ସ୍ୟଚାଷୀଙ୍କୁ ପିଏଚ୍ ଟେଷ୍ଟ କିଟ୍ ମଧ ବଣ୍ଟନ କରାଯାଇଥିଲା। ଜିଲା ସହକାରୀ ମତ୍ସ୍ୟ ଅଧିକାରିଣୀ ପ୍ରଶାନ୍ତି ନାୟକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକର ୨ଶହରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ମତ୍ସ୍ୟଚାଷୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ନିରାକାର ଦଣ୍ଡସେନା, ଦେବେନ୍ଦ୍ର ପଟେଲ, ସୁଶୀଳ ବେହେରା, ବିଜୟ ପ୍ରଧାନ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# ସମ୍ବିଧାନ ସଚେତନତା ରଥକୁ ସ୍ୱାଗତ

କଳମପୁର,୨୧।୧୧(ଗଣେଶରାମ ବାଗ)

କଳାହାଣ୍ଡି ଜିଲା କଳମପୁର ବ୍ଲକ୍ ଅଲ୍ ଓଡ଼ିଶା ସିଡ୍ୟୁଲ କାଷ୍ଟ ଫେଡେରେଶନ ତରଫରୁ ସମ୍ବିଧାନ ସଚେତନତା ରଥକୁ ବୁଧବାର ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବ୍ଲକ ସଭାପତି ବଳରାମ ଦୁର୍ଗାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଳମପୁର ବିଡିଓ ବିଜୟ କୁମାର ମାଣ୍ଡାଙ୍ଗି, ଜିଲା କମିଟି ସଦସ୍ୟ ଦିଗମ୍ବର ଦୁରିଆ, ରମଣୀ ଦୁରିଆ, ଯୁଗେଶ୍ୱର ସାଗର ପ୍ରମୁଖ ଯୋଗଦେଇଥିଲେ। ସ୍ଥାନୀୟ ତହସିଲ କାର୍ଯ୍ୟାଳୟଠାରୁ ରଥକୁ ସ୍ୱାଗତ କରାଯିବା ପରେ ଶୋଭାଯାତ୍ରାରେ ବାହାରି ବାବା ସାହେବ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସମ୍ବିଧାନ ବିଷୟରେ ଜନସାଧାରଣଙ୍କୁ ସଚେତନ କରାଇବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି କୁହାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଅଲ ଓଡ଼ିଶା ସିଡ୍ୟୁଲ କାଷ୍ଟ ଫେଡେରେଶନ କଳମପୁର ବ୍ଲକ କମିଟି ପକ୍ଷରୁ ବଳରାମ ଦୁର୍ଗା, ଶ୍ରୀକାନ୍ତ ଛତ୍ରିଆ, ସେନାପତି ନାଏକ, ଘନଶ୍ୟାମ ନାଏକ, ମାଧବ ସୁନାନୀ ପ୍ରମୁଖ ସହଯୋଗ କରିଥିଲେ।

# ଗାଁ ସାଥୀଙ୍କୁ ପଞ୍ଚାୟତ କାର୍ଯ୍ୟରେ ଅଣଦେଖା

କୋକସରା,୨୧।୧୧ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

ପଞ୍ଚାୟତର ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରତି ଗାଁରେ ଗାଁ ସାଥୀଙ୍କୁ ନିୟୋଜିତ କରାଯାଇଛି। ତେବେ ବ୍ଲକ୍ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଅଣଦେଖା କରାଯାଉଥିବା ନେଇ ଗୁରୁବାର କୋକସରା ବ୍ଲକ ଗାଁ ସାଥୀ ସଂଘ ପକ୍ଷରୁ ବିଡିଓ ବିଶ୍ୱନାଥ ରାଉତଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରମୁଖ ଦାବି ମଧ୍ୟରେ ପଞ୍ଚାୟତରେ କାର୍ଯ୍ୟକାରୀ ହେଉଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ କାର୍ଯ୍ୟାଦେଶ ଦେବା, ସେମି ସ୍କିଲ ହିସାବରେ ପ୍ରାପ୍ୟ ପ୍ରଦାନ ଅନ୍ୟତମ। ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାପତି ଗୋରେଖ ନାଏକ, ମଧୁବନ ପାତ୍ର, ଯୁଗଳ କିଶୋର ନାଏକ, ବଳଦେବ ଦୁର୍ଗା, ଅଶୋକା ନାଏକ, ଜିତେନ୍ଦ୍ର ଦଳେଇ, ଅଜିତ କୁମାର ସତ୍‌ନାମୀ, ମୌସୁମିକାନ୍ତ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

# ବିର୍ସା ମୁଣ୍ଡା କପ୍ ଫୁଟ୍‌ବଲ: ମହୀପୁର ବିଜୟୀ




ଖେଳାଳିମାନଙ୍କ ସହ ଅତିଥି।

ରିଷିଡ଼ା,୨୧।୧୧ (ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପୌରକେଲା ପଞ୍ଚାୟତ ସିରାବାହଲ ବିର୍ସା ମୁଣ୍ଡା ଖେଳପଡିଆ ଠାରେ ତୃତୀୟ ବିର୍ସା ମୁଣ୍ଡା କପ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ବଲାଙ୍ଗୀର ଜିଲାର ମହୀପୁର ଓ ତୁଷୁରା ଦଳ ମଧ୍ୟରେ ହୋଇଥିଲା। ଉଭୟ ଦଳ ୧-୧ ଗୋଲରେ ବରାବର ରହିବା ପରେ ପେନାଲ୍ଟି ଶୁଟ୍ ଜରିଆରେ ତୁଷୁରା ଦଳ ୪ ଗୋଲ ଦେଇଥିବା ବେଳେ ମହୀପୁର ୫ ଗୋଲ କରି ବିଜୟୀ ହୋଇଥିଲ। ଖେଳ ପରିଚାଳନା କରିଥିଲେ ପିଙ୍କୁ ଚନ୍ଦନ, ଟୁଟୁ ମାଝୀ ଓ ଦିନେଶ କୁମାର। କଳାହାଣ୍ଡି ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ମୁଖ୍ୟଅତିଥି ଓ କର୍ଲାମୁଣ୍ଡା କ ଜୋନ ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ରିଷିଡ଼ା ସରପଞ୍ଚ ସେବତୀ ରଣା, ପୌରକେଲା ସରପଞ୍ଚ ଯଶୋସିନୀ ଧରୁଆ, ଡାକ୍ତର ମନୋଜ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ମନୋଜ ଫୁଟା, କବିରାଜ ଭୋଇ, କୁଞ୍ଜ ଭୋଇ, କ୍ଷୀରୋଦ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ: ସ୍ୱାମୀଙ୍କୁ ୬ ମାସ କାରାଦଣ୍ଡ

କେସିଙ୍ଗା,୨୧।୧୧(ତୁମେଶ୍ୱର ସାହୁ)

କେସିଙ୍ଗା ଅଦାଲତର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଧନଞ୍ଜୟ ନାୟକ ଗୁରୁବାର ସ୍ତ୍ରୀଙ୍କୁ ଘରୁ ତଡ଼ିଦେବା ନେଇ ଏକ ମାମଲାର ବିଚାର କରି ଅଭିଯୁକ୍ତ ସ୍ୱାମୀଙ୍କୁ ୬ମାସ କାରାଦଣ୍ଡ ସହ ଏକ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅର୍ଥ ଅନାଦାୟ ଅଧିକ ୧୫ଦିନ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ହେଲେ ବଲାଙ୍ଗୀର ଜିଲା ଟିଟିଲାଗଡ଼ ଥାନା ଲୁଥରବନ୍ଧ ଗ୍ରାମର ଶ୍ରୀମୁଖ ରଣା (୫୫)। କେସିଙ୍ଗା ଥାନା କେସ୍ ନଂ.୧୦୩/୨୦୧୩ ଅନୁଯାୟୀ କେସିଙ୍ଗା ଅଞ୍ଚଳର ଅଭିଯୋଗକାରୀଙ୍କୁ ୨୫ ବର୍ଷ ତଳେ ଶ୍ରୀମୁଖ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର ପ୍ରାୟ ୧୦ ବର୍ଷ ସବୁ ଠିକ୍ ଚାଲିଥିଲା। ପରେ ଶ୍ରୀମୁଖ ଅଭିଯୋଗକାରିଣୀ ମହିଳାଙ୍କୁ ବିଭିନ୍ନ ପ୍ରକାର ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିଲେ। ମହିଳାଙ୍କର କୌଣସି ସନ୍ତାନ ନ ହେବାରୁ ନିର୍ଯାତନା ବଢିଚାଲିଥିଲା। ଶେଷରେ ଶ୍ରୀମୁଖ ମହିଳାଙ୍କୁ ନିଜ ଘରୁ ଜବରଦସ୍ତି ବାହାର କରିଦେଇଥିଲେ। ତେଣୁ ପ୍ରାୟ ୧୦ବର୍ଷ ହେବ ମହିଳା ଜଣକ ନିଜ ବାପଘରେ ରହିଆସୁଛନ୍ତି। ଇତିମଧ୍ୟରେ ଅଭିଯୁକ୍ତ କୌଣସି ପ୍ରକାର ଭରଣପୋଷଣ କିମ୍ବା ଯତ୍ନ ନେଇ ନ ଥିଲେ। ଆପୋସ ସମାଧାନ ପାଇଁ ବହୁ ଚେଷ୍ଟା ପରେ ମଧ ସମାଧାନର ବାଟ ନ ବାହାରିବାରୁ ଶେଷରେ ମହିଳା ଜଣକ ଆଇନର ଆଶ୍ରୟ ନେଇଥିଲେ। ସରକାରଙ୍କ ତରଫରୁ ବରିଷ୍ଠ ଓକିଲ ପ୍ରକାଶ କୁମାର ଦାସ ଓ ସତ୍ୟନାରାୟଣ ଜୈନ ମାମଲା ପରିଚାଳନା କରୁଥିଲେ।

# ବିକାଶମୂଳକ କାର୍ଯ୍ୟକୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ

ଭବାନୀପାଟଣା,୨୧।୧୧(ଉତ୍ତମ କୁମାର ଦାଶ)

**ଭବାନୀପାଟଣା ବିଧାନସଭା ମଣ୍ଡଳୀ ବିକାଶ କମିଟି ବୈଠକ**

କଳାହାଣ୍ଡି ଜିଲା ଭବାନୀପାଟଣା ବିଧାନସଭା ମଣ୍ଡଳୀ ବିକାଶ କମିଟି ବୈଠକ ଗୁରୁବାର ସ୍ଥାନୀୟ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଶାଖା ସଭା ଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭବାନୀପାଟଣା ବିଧାୟକ ସାଗର ଚରଣ ଦାସ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ହଷ୍ଟେଲ ସୁବ୍ୟବସ୍ଥା, ସ୍ୱୟଂ ସହାୟକ ଗୋଷ୍ଠୀକୁ ଆର୍ଥିକ ସହାୟତା ପ୍ରଦାନ, ଖାଦ୍ୟ ସୁରକ୍ଷା, ସହର ଓ ଗ୍ରାମ୍ୟ ସ୍ୱଚ୍ଛତା, ଧାନ କ୍ରୟ ବିକ୍ରୟର ସୁବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ବିଶେଷ କରି ବିକାଶମୂଳକ କାର୍ଯ୍ୟରେ ବିଭାଗୀୟ ଅଧିକାରୀମାନେ ଗୁରୁତ୍ୱ ଦେବାକୁ ବିଧାୟକ ଦାସ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଶିକ୍ଷାର ବିକାଶ ପାଇଁ ଶିକ୍ଷକ ଅଭାବ ଦୂରୀକରଣ ଓ ସାସ୍ଥ୍ୟ ବିଭାଗର ଖାଲି ପଡିଥିବା ପଦବୀ ପୂରଣ ଉପରେ ଆଲୋଚନା କରାଯାଇଥିଲା। ଚିକିତ୍ସା ବ୍ୟବସ୍ଥାରେ କେତେକ ଅବ୍ୟବସ୍ଥାକୁ ଦୂର କରିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ଏହି ବୈଠକରେ ବିଧାୟକ ଦାସଙ୍କ ସହ କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ, ଜିଲ୍ଲା ଯୋଜନା ଓ ସମନ୍ୱୟ କାର୍ଯ୍ୟାଳୟର ଉପ ନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ, ଭବାନୀପାଟଣା ବ୍ଲକ ଅଧ୍ୟକ୍ଷ ପ୍ରଫୁଲ୍ଲ ସାହୁ ସମେତ ସମସ୍ତ ଜିଲ୍ଲାସ୍ତରୀୟ ପଦାଧିକାରୀ, ଭବାନୀପାଟଣା ଓ କେସିଙ୍ଗା ବ୍ଲକର ତହସିଲଦାର ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀ ଓ ଲୋକପ୍ରତିନିଧି।

# ଜଙ୍ଗଲ ଅଧିକାର ଦାବି ଅନୁମୋଦନ ପାଇଁ ଗ୍ରାମସଭା

ଥୁଆମୂଳ ରାମପୁର,୨୧।୧୧(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ କର୍ଲାପାଟ ଗ୍ରାମ ପଞ୍ଚାୟତର ଅଣସର୍ଭେ ଜଙ୍ଗଲ ଗ୍ରାମ ସେମେଲପଦରଠାରେ ଜଙ୍ଗଲ ଅଧିକାର ଦାବି ଅନୁମୋଦନ ପାଇଁ ବୁଧବାର ଏକ ଗ୍ରାମସଭା ହୋଇଥିଲା। ଏଥିରେ ୬୯ ଗୋଟି ବ୍ୟକ୍ତିଗତ ଦାବି ଓ ୬୬୫.୫୨ ହେକ୍ଟର ଗୋଷ୍ଠୀ ଜଙ୍ଗଲ ଦାବି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଅନୁମୋଦିତ ଦାବିଗୁଡିକୁ ଏକସପ୍ତାହ ମଧ୍ୟରେ ଉପଖଣ୍ଡସ୍ତରୀୟ କମିଟି ନିକଟରେ ଦାଖଲ କରାଯିବ ବୋଲି ଜଙ୍ଗଲ ଅଧିକାର କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ ସେମେଲପଦର ଗ୍ରାମର ୪୨ ଆଦିବାସୀ ପରିବାର ୫ଦଶନ୍ଧି ଧରି ଜଙ୍ଗଲ ଜମିରେ ରହିଆସୁଥିଲେ ମଧ ରାଜସ୍ୱ ଗ୍ରାମର ମାନ୍ୟତା ପାଇପାରିନି। ୨୦୧୫ରୁ କର୍ଲାପାଟ ସରପଞ୍ଚ ରାଜସ୍ୱ ମାନ୍ୟତା ପାଇଁ ଜିଲାପାଳଙ୍କୁ ସୁପାରିଶ କରିବା ପରେ ୨୦୧୬ ରେ ତତ୍କାଳୀନ ଜିଲାପାଳ ଏ ଦିଗରେ ପଦକ୍ଷେପ ଆରମ୍ଭ କରିଥିଲେ। ତହସିଲଦାର ସେମେଲପଦର ଓ ଚାଟିକନା ଗ୍ରାମର ସର୍ଭେ କରିଥିଲେ ସୁଦ୍ଧା ସେମେଲପଦର ଗ୍ରାମର ସର୍ଭେ ରିପୋର୍ଟ କେଉଁ ଆଡେ ଉଭାନ ହୋଇଯାଇଛି। ଶେଷରେ ମୋ ଜଙ୍ଗଲ ଜମି ଯୋଜନା ପୂର୍ବ ସରକାର ସମୟରେ ଚାଲୁହେବା ପରେ ଏବେ ଗ୍ରାମର ସୀମିତ ଚିହ୍ନଟ ପ୍ରକ୍ରିୟା ସରି ଗ୍ରାମସଭାରେ ଅନୁମୋଦନ ଲାଭ କରିଛି। ସଭାରେ କର୍ଲାପାଟ ସରପଞ୍ଚ ବିଶ୍ୱନାଥ ମାଝୀ ପରିଚାଳନା କରିଥିବାବେଳେ ଗ୍ରାମବାସୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଥୁଆମୂଳ ରାମପୁର ତହସିଲଦାର ନିରଜ କୁମାର ଭତ୍ରା, ରାଜସ୍ୱ ନିରୀକ୍ଷକ ଅଞ୍ଜନ କୁମାର ନାଏକ, ବନପାଳ ବିଜୟ କୃଷ୍ଣ ଗୋପାଳ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଏହି ପ୍ରକ୍ରିୟା ଯଥାଶୀଘ୍ର ନିର୍ଣ୍ଣାୟକ ସ୍ତରରେ ପହଞ୍ଚିବ ଓ ଗ୍ରାମବାସୀ ଜଙ୍ଗଲ ଅଧିକାର ପାଇବା ସହିତ ଗ୍ରାମଟି ରାଜସ୍ୱ ଗ୍ରାମ ହେବ ବୋଲି ତହସିଲଦାର ଭତ୍ରା ସୂଚନା ଦେଇଥିଲେ। ଶେଷରେ ରାମତୁ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।



ଗ୍ରାମସଭାରେ ଉପସ୍ଥିତ ଅଧିକାରୀ ଓ ଲୋକପ୍ରତିନିଧି।

**୬୯ ବ୍ୟକ୍ତିଗତ ଓ ୬୬୫ ହେକ୍ଟର ଗୋଷ୍ଠୀ ଜଙ୍ଗଲ ପ୍ରସ୍ତାବ ଅନୁମୋଦିତ**

# ମତ୍ସ୍ୟଚାଷ ପାଇଁ ରହିଛି ଅପାର ସମ୍ଭାବନା

ସୋନପୁର,୨୧।୧୧(ମୃତ୍ୟୁଞ୍ଜୟ ଶତପଥୀ)

ନଦୀ, ନାଳ, ବନ୍ଧ ଓ ପୋଖରି ପରିବେଷ୍ଟିତ ଜିଲା ସୁବର୍ଣ୍ଣପୁର। ମତ୍ସ୍ୟ ସମ୍ପଦ ଦୃଷ୍ଟିରୁ ଓଡ଼ିଶାରେ ଏହା ଏକ ଉନ୍ନତ ଜିଲା। ପର୍ଯ୍ୟାପ୍ତ ଭିତ୍ତିଭୂମି ଥିବାରୁ ମଧୁର ଜଳରେ ମତ୍ସ୍ୟ ଚାଷ ପାଇଁ ଏଠାରେ ଅପାର ସମ୍ଭାବନା ରହିଛି। ସୋନପୁର କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଗୁରୁବାର ଆୟୋଜିତ ବିଶ୍ୱ ମତ୍ସ୍ୟ ଦିବସ ପାଳନ ଅବସରରେ ଅତିଥି ଓ ମତ୍ସ୍ୟଚାଷୀମାନେ ଏହି ମତପ୍ରକାଶ କରିଛନ୍ତି। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲାରେ ଭଗବାନଙ୍କ ବରଦାନ ଭାବେ ମହାନଦୀ, ତେଲ ନଦୀ, ଅଙ୍ଗ ନଦୀ, ସୁକତେଲ ନଦୀ, ନିବୃତ୍ତି ଯୋର, ହରିହରଯୋର ଡ୍ୟାମ ଓ ଶତାଧିକ ପଞ୍ଚାୟତ ପୋଖରୀ ଅଛି। ବିସ୍ତୀର୍ଣ୍ଣ ଜଳାଶୟରେ ମତ୍ସ୍ୟସମ୍ପଦ ଅଭିବୃଦ୍ଧିର ପର୍ଯ୍ୟାପ୍ତ ସୁଯୋଗ ରହିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ହୋଇପାରିଲେ ଏହି ଜିଲା ମତ୍ସ୍ୟ ଉତ୍ପାଦନରେ ରାଜ୍ୟର ଅଗ୍ରଣୀ ଜିଲା ହୋଇପାରିବ ବୋଲି ମାଝି କହିଥିଲେ। ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି ଶରତ କୁମାର ଶତପଥୀ କହିଥିଲେ, ମହାନଦୀ ଓ ଅନ୍ୟ ନଦୀମାନଙ୍କରେ ପାରମ୍ପରିକ ଶୈଳୀରେ ମାଛ ଧରି ମତ୍ସ୍ୟଜୀବୀମାନେ ନିଜ ପରିବାର ପ୍ରତିପୋଷଣ କରୁଥିଲେ। ଏହି ମାଛ ଜିଲା ସମେତ ରାଜ୍ୟ ବାହାରକୁ ରପ୍ତାନି ହେଉଥିଲା। ନଦୀରେ ମାଛ ବଂଶ ହ୍ରାସ ପାଉଥିବାରୁ କେନ୍ଦ୍ର ସରକାରଙ୍କ ସହାୟତାରେ ଗତ କିଛି ବର୍ଷ ଧରି ନଦୀ ଗର୍ଭରେ ମାଛ ଜାଆଁଳ ଛଡା ଯାଉଛି। ଏହାଦ୍ୱାରା ପୁଣି ମାଛ ବଂଶ ବୃଦ୍ଧି ପାଇଥିବା ଶତପଥୀ କହିଥିଲେ। ବଲାଙ୍ଗୀର ଜୋନର ମତ୍ସ୍ୟ ଉପନିର୍ଦ୍ଦେଶକ ନୀଳାମ୍ବର କିଲାକା ବିଶ୍ୱ ମତ୍ସ୍ୟ ଦିବସ ସମ୍ପର୍କରେ ମତପ୍ରକାଶ କରିଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ପରମାନନ୍ଦ ସେଠୀ, ଜଳ ବିଭାଜିକାର ପ୍ରକଳ୍ପ ନିର୍ଦ୍ଦେଶକ ଦେବରାଜ ଦାଶ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସୁପ୍ରଭା ସେଠୀ, କୃଷି ଅଧିକାରୀ ସ୍ୱସ୍ତିକ ହୋତା ପ୍ରମୁଖ ଜିଲାର ମତ୍ସ୍ୟଚାଷୀ, ମତ୍ସ୍ୟଜୀବୀ ଓ ମତ୍ସ୍ୟ ଉଦ୍ୟୋଗୀଙ୍କୁ ବିଶ୍ୱ ମତ୍ସ୍ୟ ଦିବସ ଅବସରରେ ଶୁଭେଚ୍ଛା ଜଣାଇବା ସହ ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବୀରମହାରାଜପୁର ସହକାରୀ ମତ୍ସ୍ୟ ଅଧିକାରୀ ବିଭୁତି ଭୂଷଣ ପ୍ରଧାନ କହିଥିଲେ ପ୍ରଗତି ଓ ବିକାଶରେ ମତ୍ସ୍ୟଚାଷୀ, ମତ୍ସ୍ୟଜୀବୀ, ମତ୍ସ୍ୟ ଉଦ୍ୟୋଗୀଙ୍କ ଅବଦାନ ରହିଛି। ସେମାନଙ୍କ ଅବଦାନକୁ ସ୍ମରଣ କରିବା ସହ ଏହି କ୍ଷେତ୍ରକୁ ନୂତନ ଜ୍ଞାନକୌଶଳ ଯୁକ୍ତ କରିବା ଓ ପରିବେଶ ଅନୁକୂଳଯୁକ୍ତ ସମୃଦ୍ଧି କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସହକାରୀ ମତ୍ସ୍ୟ ଅଧିକାରୀ ଶ୍ରବଣ କୁମାର କହଁର, ତରଭା ସହକାରୀ ମତ୍ସ୍ୟ ଅଧିକାରୀ ପ୍ରତାପ କିଶୋର ମେହେର ଓ ଜିତେନ୍ଦ୍ର ପୃଷ୍ଟି ପ୍ରମୁଖ ସରକାରୀ ଯୋଜନା, ମତ୍ସ୍ୟ ଚାଷର ସୁପରିଚାଳନା, ଜାଆଁଳ ଉତ୍ପାଦନ ଉପରେ ଆଲୋକପାତ କରିଥିଲେ। ପୂର୍ଣ୍ଣେନ୍ଦୁ ପଣ୍ଡା ଓ ଅଙ୍କିତ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ୨୦୨୪-୨୫ ବର୍ଷ ପାଇଁ ଶ୍ରେଷ୍ଠ ମତ୍ସ୍ୟ ଚାଷୀ ଭାବେ ଡବ୍ଲ୍ୟୁଏସ୍ଏଚଜି ବର୍ଗରେ ଉଲୁଣ୍ଡା ବ୍ଲକ କଳାପଥର ଗାଁର ମହାଲକ୍ଷ୍ମୀ ଏସ୍ଏଚଜି, ମତ୍ସ୍ୟ ପୋଖରୀ ଯୋଜନାରେ ବିନିକା ବ୍ଲକ ସେଲେଡିର ବିରଞ୍ଚି ମହାକୁର ଓ ବାୟୋଫ୍ଲକ ପଦ୍ଧତିରେ ମାଛ ଚାଷ କରୁଥିବା ଡୁଙ୍ଗୁରିପାଲି ବ୍ଲକ ଅଇଁଳାସାରି ଗାଁର ଜଙ୍ଗଲୁ ଗଡତିଆଙ୍କୁ ପୁରସ୍କୃତ କରା ଯାଇଥିଲା। ବିନିକା ସହକାରୀ ମତ୍ସ୍ୟ ଅଧିକାରୀ ସଙ୍ଗୀତା କିଷାନ ଧନ୍ୟବାଦ ପ୍ରଦାନ କରିଥିଲେ।



ବିଶ୍ୱ ମତ୍ସ୍ୟ ଦିବସ ପାଳନ ଅବସରରେ ଅତିଥିମାନେ।

# ବିନିକା ଗୋକୁଳାଷ୍ଟମୀ ମହୋତ୍ସବ: ଶ୍ରୀକୃଷ୍ଣ ଜନ୍ମ


ଗୁରୁବାର ମହୋତ୍ସବର ଦ୍ୱିତୀୟ ରଜନୀରେ ଅଭିନୀତ ନାଟକର ଏକ ଦୃଶ୍ୟ।

ବିନିକା,୨୧।୧୧(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସହରାଞ୍ଚଳ କଂସାରୀପଡାରେ ଦୀର୍ଘ ୮ ଦିନ ଧରି ଚାଲିଥିବା ୨୪୧ତମ ଗୋକୁଳାଷ୍ଟମୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ରଜନୀ ଗୁରୁବାର ନାଟ୍ୟ ରୂପାନ୍ତରରେ ମହାରାଜ କଂସଙ୍କ ଅତ୍ୟାଚାରରେ ଅତିଷ୍ଠ ଦେବଗଣ ଗୋକୁଳ ବିହାରୀ ବିଷ୍ଣୁଙ୍କ ନିକଟକୁ ଯାଇ ଫେରାଦ ହୋଇଥିଲେ। ଭଗବାନ ବିଷ୍ଣୁ ମାତା ଦେବକୀ ଗର୍ଭରେ ଜନ୍ମ ନେବେ ଓ କଂସଙ୍କୁ ମାରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଭଗବାନ ବିଷ୍ଣୁ ଶ୍ରୀକୃଷ୍ଣ ରୂପରେ ବନ୍ଦୀଶାଳାରେ ଜନ୍ମ ହୋଇଥିବା ଦୃଶ୍ୟ ପ୍ରଦର୍ଶିତ ହୋଇଥିଲା। କଂସ ଭୂମିକାରେ ଅନ୍ତରାମ ଦାସ, ମନ୍ତ୍ରୀ ସଞ୍ଜୀୟ ଦାସ, ପୃଥିବୀ ଦେବୀ ଚନ୍ଦ୍ରାଂଶୁ ସାହୁ, ଦେବଗଣ ପରେଶ ମାହାଣା, ନାରଦ ସ୍ୱାଗତ ମାହାଣା, ବ୍ରହ୍ମା ମୁକୁନ୍ଦ ସାହୁ, ବିଷ୍ଣୁ ପୁହାନ ଦାସ, ଉଗ୍ରେସନ ସୀତାରାମ ମାହାଣାଙ୍କ ଚମତ୍କାର ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

## ସଂକ୍ଷେପରେ

### ବିଷ ପିଇ ଜଣେ ଭଉଣୀ ମୃତ, ଜଣେ ଗୁରୁତର

ବୌଦ୍ଧ,୨୧।୧୧( ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ଥାନା ଅନ୍ତର୍ଗତ ମହାଲିକପଡ଼ା ଗ୍ରାମରେ ଗୁରୁବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ବିଷ ପିଇ ଦୁଇ ଭଉଣୀ ଆତ୍ମହତ୍ୟା ଉଦ୍ୟମ କରିଥିବା ବେଳେ ଜଣଙ୍କର ମୃତ୍ୟୁ ଘଟିଛି ଓ ଅନ୍ୟ ଜଣେ ଗୁରୁତର ଥିବା ସୂଚନା ମିଳିଛି। ପ୍ରକାଶ ଯେ, ମହାଲିକପଡ଼ା ଗ୍ରାମର ମଣ୍ଟୁ ସାହୁଙ୍କ ସ୍ତ୍ରୀ ନଳିନୀ ସାହୁ(୩୦) ଓ ତାଙ୍କ ଶାଳୀ ଶଳିନୀ ସାହୁ(୨୦) କୌଣସି କାରଣରୁ ବିଷ ପିଇ ଦେଇଥିଲେ। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଚିକିତ୍ସାଳୟରେ ଡାକ୍ତର ନଳିନୀଙ୍କୁ ମୃତ ଘୋଷଣା କରିଥିଲେ। ଶଳିନୀ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବା ଜଣାଯାଇଛି। ଖବର ପାଇ ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ଗଞ୍ଜେଇ ଚୋରା ଚାଲାଣ, ଜଣେ ଗିରଫ

ଅମରପାଲି,୨୧।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ରକ୍ସା ଛକ ନିକଟରେ ବୁଧବାର ରାତିରେ ପାଟ୍ରୋଲିଂ ପୋଲିସ ଜଣେ ବ୍ୟକ୍ତିଙ୍କୁ ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ଗିରଫ କରିଛି। ସେ ହେଲେ ବୌଦ୍ଧ ଜିଲା କଣ୍ଟାମାଳ ଥାନା ରୁଣ୍ଡିମହୁଲ ଗ୍ରାମର ଜୟନ୍ତ ସାହୁ(୨୬)। ତଲାସୀ ବେଳେ ତାଙ୍କ ବାଇକରୁ ୨କେଜି ୮୯୦ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ବୀରମହାରାଜପୁର ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶୋଭାକର ସେଠ କହିଛନ୍ତି।

# ଶିକ୍ଷା ଶିକ୍ଷକ ବଦଳିକୁ ନେଇ ବଢୁଛି ଅସନ୍ତୋଷ


ସ୍କୁଲ ଫାଟକ ଆଗରେ ତାଲା ପକାଇ ପିଲାମାନେ ପ୍ରତିବାଦ କରୁଛନ୍ତି।

ଅମରପାଲି,୨୧।୧୧(ପୀତାମ୍ବର ସାହୁ)

**ଜଟେସିଂହା ପରେ ସଂଗ୍ରାମପୁର ହାଇସ୍କୁଲରେ ତାଲା**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକରେ ଶିକ୍ଷକ ବଦଳିକୁ ନେଇ ବଢୁଛି ଅସନ୍ତୋଷ। ଶିକ୍ଷକଙ୍କ ବଦଳି ପ୍ରତ୍ୟହାର ଦାବିରେ ସ୍କୁଲ ଫାଟକରେ ତାଲା ପକାଉଛନ୍ତି ଅଭିଭାବକ ଓ ଛାତ୍ରୀଛାତ୍ର। ଜଟେସିଂହା ୟୁପି ସ୍କୁଲରେ ତାଲା ପକାଇ ଦୁଇଦିନ ଫାଟକ ଅଗରେ ଧାରଣା ଦେଇଥିଲେ। ପରବର୍ତ୍ତୀ ସମୟରେ ବଦଳି ପ୍ରତ୍ୟାହାର ହେବାରୁ ସ୍କୁଲ କାର୍ଯ୍ୟ ପୁଣି ସ୍ୱାଭାବିକ ହୋଇଥିଲା। ଗୁରୁବାର ପୁଣି ସଂଗ୍ରାମପୁର ସରକାରୀ ଉନ୍ନିତ ହାଇସ୍କୁଲରେ ଶିକ୍ଷକ ଙ୍କ ବଦଳି ପ୍ରତ୍ୟାହାରରେ ତାଲା ପକାଇଛନ୍ତି ଅଭିଭାବକ। ଅଭିଯୋଗ ମୁତାବକ ସଂଗ୍ରାମପୁର ହାଇସ୍କୁଲରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ସ୍କୁଲରେ ୨୪୨ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସ୍କୁଲରେ ୧୧ଜଣ ଶିକ୍ଷକ ଥିବା ବେଳେ ଜଣେ ଖେଳ ଶିକ୍ଷକ ଥିଲେ। ସେମାନଙ୍କ ମଧ୍ୟରୁ ହାଇସ୍କୁଲ ପାଇଁ ୬ ଜଣ ଶିକ୍ଷକ ଥିବା ବେଳେ ବର୍ଷେ ହେଲା ବିଜ୍ଞାନ ଶିକ୍ଷକ ଖାଲି ରହିଛି। ୬ଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୫ଜଣ ଏବଂ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୨ଜଣ ଥିଲେ। ସ୍କୁଲରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନ ଥିବାରୁ ପାଠପଢାରେ ସମସ୍ୟା ହେଉଥିବା ଅଭିଯୋଗ ହେଉଛି। ବାରମ୍ବାର ଅଭିଯୋଗ ପରେ ମଧ ଶିକ୍ଷକ ପୂରଣ ହେଉ ନ ଥିବା ବେଳେ ଏବେ ପୁଣି ଉକ୍ତ ସ୍କୁଲରୁ ଜଣେ ପ୍ରାଥମିକ ଶିକ୍ଷକ ମନରଞ୍ଜନ ବାଘଙ୍କୁ ମେଣ୍ଡିଲିପାଲି ୟୁପି ସ୍କୁଲକୁ ବିଇଓ ବଦଳି କରିଛନ୍ତି। ଆଗକୁ ପରୀକ୍ଷା ଆସୁଥିବାରୁ ପାଠପଢାରେ ସମସ୍ୟା ଦେଖା ଦେବ ବୋଲି ଅଭିଭାବକ ଦାବି କରିଛନ୍ତି। ଉକ୍ତ ଶିକ୍ଷକଙ୍କ ବଦଳି ପରେ ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଜଣେ ମାତ୍ର ଶିକ୍ଷକ ରହିବେ। ଏପରି ସ୍ଥିତିରେ ପାଠ ପଢା ହେବ କେମିତି ବୋଲି ଅଭିଯୋଗ କରି ସ୍କୁଲ ଫାଟକରେ ତାଲା ପକାଇ ପ୍ରତିବାଦ କରିଛନ୍ତି ଅଭିଭାବକ। ଫଳରେ ସ୍କୁଲ ଭିତରକୁ ଯାଇ ନ ପାରି ଫାଟକ ଅଗରେ ଛାତ୍ରୀଛାତ୍ର ଓ ଶିକ୍ଷକ ବସି ରହିଥିଲେ। ଖବର ପାଇ ବିଇଓ ଶାନ୍ତନୁ କୁମ୍ଭକାରଙ୍କ ନିର୍ଦ୍ଦେଶକ୍ରମେ ଏବିଇଓ ବାଞ୍ଛାନିଧି ମିଶ୍ର ଓ ବାର୍ଣ୍ଣା ଡୁଙ୍ଗଡୁଙ୍ଗ ଏବଂ ସଂଗ୍ରାମପୁର ସିଆରସିସି ଅନାଦି ଜଗଦଲା ସ୍କୁଲକୁ ଆସି ଅଭିଭାବକ ଓ ସ୍କୁଲ ଶିକ୍ଷା କମିଟି ସହିତ ଆଲୋଚନା କରିଥିଲେ। ମାତ୍ର ଅଭିଭାବକମାନେ ବଦଳି ହୋଇଥିବା ଶିକ୍ଷକଙ୍କ ବଦଳି ପ୍ରତ୍ୟାହାର କରିବାକୁ ଜିଦ୍ କରିଥିଲେ। ଫଳରେ ଆଲୋଚନା କରିବାକୁ ଆସିଥିବା ଅଧିକାରୀ ଫେରି ଯାଇଥିଲେ। ଏନେଇ ବିଇଓ ଶାନ୍ତନୁ କୁମ୍ଭକାରଙ୍କୁ ପଚାରିବାରୁ ସରକାରୀ ନିୟମ ଅନୁସାରେ ଶିକ୍ଷକଙ୍କ ବଦଳି ହୋଇଛି। ମାତ୍ର ଅଭିଭାବକ ବଦଳି ହୋଇଥିବା ଶିକ୍ଷକଙ୍କ ବଦଳି ପ୍ରତ୍ୟାହାରରେ ଅଡି ବସି ସ୍କୁଲ ଫାଟକରେ ତାଲା ଦେଇଛନ୍ତି।

### ତରଭା ମନ୍ଦିର, ଦୋକାନ ଚୋରି ଘଟଣା: ୩ ଗିରଫ

ତରଭା, ୨୧।୧୧(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭାରେ ଗତ ୧୮ ତାରିଖ ଘଟିଥିବା ସିରିଜ ଚୋରି ଘଟଣାର ପର୍ଦ୍ଦାଫାଶ ହୋଇଛି। ଏହି ଦିନ ତରଭା ଶନି ମନ୍ଦିର, ବଡବନ୍ଧ ମହାଦେବ ମନ୍ଦିରର ଓ ବ୍ଲକ ଛକର ଜଣେ ଭିନ୍ନକ୍ଷମଙ୍କ ଦୋକାନର ତାଲା ଭାଙ୍ଗି ଚୋରି ହୋଇଥିଲା। ଗୁରୁବାର ଉକ୍ତ ଘଟଣାରେ ପୋଲିସ ସମ୍ପୃକ୍ତ ଥିବା ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ତରଭା ତବଲାପଡାର ଶନିଚରଣ ନାଏକ (୨୪), ଅନ୍ତର୍ଡା ଗ୍ରାମର କାହ୍ନା ତାଣ୍ଡି ( ୨୨) ଓ ବେଲମୁଣ୍ଡା ଗ୍ରାମର ପ୍ରସନ୍ନ ବିଭାର ( ୨୪। ଶନି ଚରଣ ନାଏକଙ୍କଠାରୁ ୨ହଜାର ଟଙ୍କା, ଛଅ ଶହ କଏନ ମୁଦ୍ରା ଓ ଦୁଇଟି ଲୁହା ଛଡ ଜବତ ହୋଇଥିବା ବେଳେ ପ୍ରସନ୍ନଙ୍କଠାରୁ ୩୨୦ଟଙ୍କା ସହ ପାନୀୟ ଟାଟା ଗ୍ଲୁକୋଜ ୨୨ଟି , ଶୁଷ୍କ ଖାଦ୍ୟ ୫୭ପ୍ୟାକେଟ ଜବତ ହୋଇଛି। ଚୋରିରେ ସମ୍ପୃକ୍ତ ଅନ୍ୟମାନେ ଖୁବ୍‌ଶୀଘ୍ର ଧରା ପଡିବେ ବୋଲି ତରଭା ଥାନା ଅଧିକାରୀ ଅନିତା କିଡୋ ପ୍ରକାଶ କରିଛନ୍ତି।

# ମା' ଠାକୁରାଣୀ କ୍ରିକେଟ ଟୁର୍ନାମେଣ୍ଟ: ଜାମ୍ପାଲି ସେମିରେ


ବିଜୟୀ ଜାମ୍ପାଲି ଦଳର ଖେଳାଳିମାନେ।

ଅମରପାଲି,୨୧।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜଲା ବୀରମହାରାଜପୁର ଉପକଣ୍ଠ ଉଫୁଲା ଖେଳ ପଡିଆରେ ଚାଲିଥିବା ତୃତୀୟ ମା' ଠାକୁରାଣୀ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସରେ ତିନୋଟି ମ୍ୟାଚ ଖେଳାଯାଇଥିଲା। ପ୍ରଥମ ମ୍ୟାଚ ଟିଁପିପାଲି ଓ ଜାମ୍ପାଲି ମଧ୍ୟରେ ହୋଇଥିଲା। ଏଥିରେ ଜାମ୍ପାଲି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ହିଲୁଙ୍ଗ ଓ ହରିଣାପାଲି ମଧ୍ୟରେ ହୋଇଥିଲା। ଏଥିରେ ହରିଣାପାଲି ବିଜୟୀ ହୋଇଥିଲେ। ପ୍ରଥମ ମ୍ୟାଚ ବିଜେତା ଜାମ୍ପାଲି ଓ ଦ୍ୱିତୀୟ ମ୍ୟାଚ ବିଜେତା ହରିଣାପାଲି ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ ଖେଳାଯାଇଥିଲା। ଏଥିରେ ଜାମ୍ପାଲି ଦଳ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ରବିବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

# ବେସରକାରୀ ଅଧ୍ୟାପକ, କର୍ମଚାରୀ ସଂଘ ପକ୍ଷରୁ ବିଧାୟକଙ୍କୁ ଦାବିପତ୍ର

ଅମରପାଲି,୨୧।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ଗୁରୁବାର ସୋନପୁରର ବିଧାୟକ ନିରଞ୍ଜନ ପୂଝାରୀ ଓ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ୨୦୦୮ରୁ ୨୦୧୮ ମସିହା ମଧ୍ୟରେ ନିଯୁକ୍ତି ପାଇଥିବା ଅଧ୍ୟାପକ ଓ କର୍ମଚାରୀଙ୍କ ଅନୁଦାନ ନିମନ୍ତେ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହା ସହିତ ମୁଖ୍ୟମନ୍ତ୍ରୀଙ୍କୁ ସୁପାରିଶ ପତ୍ର ପାଇଁ ସେମାନେ ଅନୁରୋଧ କରିଛନ୍ତି। ଏଥିପାଇଁ ଆବଶ୍ୟକ ସହଯୋଗ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ବିଧାୟକ ସମ୍ମତି ପ୍ରଦାନ କରିଛନ୍ତି। ସଂଘର ଜିଲା ସଭାପତି ଅଧ୍ୟାପକ ଉଦ୍ଧବ ପଧାନଙ୍କ ନେତୃତ୍ୱରେ ଉଲୁଣ୍ଡା ଖଣ୍ଡ ସଂଯୋଜକ ସୁଶାନ୍ତ ଦେହୁରୀ, ଅଧ୍ୟାପକ ବାଳମକୁନ୍ଦ ବାରିକ, ସୁବର୍ଣ୍ଣପୁର ଖଣ୍ଡ ସଂଯୋଜିକା ଚନ୍ଦ୍ରକାନ୍ତି ବିଶ୍ୱାଳ, ଅଧ୍ୟାପକ ପୁରୁଷୋତ୍ତମ ମେହେର, ଭୁବନେଶ୍ୱର ସାହୁ, ଅଧ୍ୟାପିକା ସନ୍ଧ୍ୟାରାଣୀ ଗୁରୁ,ସରୋଜ କୁମାର ବିଶି ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।


ବିଧାୟକ ରଘୁନାଥ ଜଗଦଲାଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ସଞ୍ଜୀୟ ସ୍ମାରକୀ କ୍ରିକେଟ୍: ଘିଚାପାଲି ଚାମ୍ପିୟନ

ଅମରପାଲି, ୨୧।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଦୁର୍ଜନତୋଲା ପଞ୍ଚାୟତର ଦାଦରପାଲି ଗ୍ରାମରେ ଚାଲିଥିବା ୬ଷ୍ଠ ସଞ୍ଜୀୟ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ବରଘାଟକୁ ହରାଇ ଘିଚାପାଲି ଦଳ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଦୁଇଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟ ଟି-୧୨ ଓ ଦ୍ୱିତୀୟ ଫର୍ମାଟ ଟି-୮ ଓଭର ବିଶିଷ୍ଟ ଖେଳାଯାଇଥିଲା। ପ୍ରଥମ ଫର୍ମାଟରେ ବରଘାଟ ଦଳ ପ୍ରଥମେ ବ୍ୟାଟିଂ କରି ୯ ଓଭରରେ ସମସ୍ତ ଉଇକେଟ ହରାଇ ୩୪ ରନ କରିଥିଲା। ଘିଚାପାଲିର ଚନ୍ଦ୍ରଶେଖର ଲୁହା ୩ଟି ଉଇକେଟ ନେଇଥିଲେ। ଘିଚାପାଲି ଦଳ ଆବଶ୍ୟକ ୩୫ ରନକୁ ୩ ଓଭରରେ ୨ ଉଇକେଟ ହରାଇ ହାସଲ କରିଥିଲା। ଦଳର ବୁବୁନ ନନ୍ଦ ୧୨ ରନ କରିଥିଲେ। ଦ୍ୱିତୀୟ ଫର୍ମାଟରେ ଘିଚାପାଲି ଦଳ ପ୍ରଥମ ବ୍ୟାଟିଂ କରି ୮ ଓଭରରେ ୨ ଉଇକେଟ ହରାଇ ୯୫ ରନ କରିଥିଲା। ଜବାବରେ ବରଘାଟ ଦଳ ନିର୍ଦ୍ଧାରିତ ଓଭରରେ ପିଣ୍ଟୁ ଝାଙ୍କର ୨୮ ବଲରୁ ୫୪ରନ ସତ୍ତ୍ୱେ ଗୋଟିଏ ଉଇକେଟ ହରାଇ ୮୦ରନ କରିଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ଘିଚାପାଲି ଦଳ ଚାମ୍ପିୟନ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କ୍ରୀଡାବିତ୍ ରାଜେନ୍ଦ୍ର ମହାକୁର, ରାଜାରାମ ନାୟକ ଅତିଥିଭାବେ ଯୋଗଦେଇ ଘିଚାପାଲିର ଦେବାଶିଷ ଜଗଦଲାଙ୍କୁ ମ୍ୟାନ ଅଫ ଦି ଫାଇନାଲ ଓ ପିଣ୍ଟୁ ଝାଙ୍କରଙ୍କୁ ମ୍ୟାନ ଅଫ ଦି ସିରିଜଭାବେ ପୁରସ୍କୃତ କରିଥିଲେ। ଚାମ୍ପିୟନ ଘିଚାପାଲି ଦଳକୁ ନଗଦ ୩୩ଶହ ଟଙ୍କା ସହିତ ଟ୍ରଫି ଓ ରନର ଅପ୍ ବରଘାଟ ଦଳକୁ ନଗଦ ୨୩ ଶହ ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଫାଇନାଲ ମ୍ୟାଚକୁ ବିଜୟ କୁମାର ପଧାନ ଓ ଅନନ୍ତ ମେଣ୍ଡିଲି ଅମ୍ପାୟାରଭାବେ ପରିଚାଳନା କରିଥିଲେ। ପିଣ୍ଟୁ ମହାକୁର ସ୍କୋରିଂ ଏବଂ ବିହାରୀ ମହାକୁର ଧାରା ବିବରଣୀ ପ୍ରଦାନ କରିଥିଲେ।


ଚାମ୍ପିୟନ ଘିଚାପାଲି ଦଳକୁ ପୁରସ୍କୃତ କରାଯାଉଛି।

# ସମବାୟ ସମିତି ଦ୍ୱାରା ଉତ୍ତମ ଭବିଷ୍ୟତ ଗଠନ ସମ୍ଭବ

ସୋନପୁର,୨୧।୧୧(ମୃତ୍ୟୁଞ୍ଜୟ ଶତପଥୀ)



ସମବାୟ ସପ୍ତାହ ମହୋତ୍ସବ ଅବସରରେ ଅତିଥିମାନେ।

ସୁବର୍ଣ୍ଣପୁର ଟାଉନ ହଲରେ ଜିଲାସ୍ତରୀୟ ୭୧ ତମ ନିଖିଳ ଉତ୍କଳ ସମବାୟ ସପ୍ତାହ ମହୋତ୍ସବ ପାଳିତ ହୋଇଯାଇଛି। ସମବାୟ ସମିତି ଉପନିବନ୍ଧକ ରଶ୍ମିଲତା ବେହେରାଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମବାୟ ସମିତି ଦ୍ୱାରା ଏକ ଉତ୍ତମ ଭବିଷ୍ୟତ ଗଠନ ସମ୍ଭବ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭାପତି ସୁପାର ଠେଲା, ଜିଲାପାଳ ଅନ୍ୟା ଦାସ, ସୁବର୍ଣ୍ଣପୁର ପୌର ପରିଷଦ ଅଧ୍ୟକ୍ଷା ତାମସି ତାମସ୍ମିତା ନାୟକ, ସୋନପୁର ଅତିରିକ୍ତ ଜିଲାପାଳ ସୌମ୍ୟାରୂପା ରଥ ଓ ଡିଡିଏମ୍ ନାବାର୍ଡ ଡ. ସତ୍ୟସ୍ୱରୂପ ବେଦାନ୍ତ ଯୋଗଦାନ କରିଥିଲେ। ସୋନପୁର ସହକାରୀ ନିବନ୍ଧକ ପାଣ୍ଡୁ ଚରଣ ସାହୁ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ବୀରମହାରାଜପୁର ସହକାରୀ ନିବନ୍ଧକ ଗିରୀଶ ଚନ୍ଦ୍ର ପୁରୋହିତ ସହଯୋଗ କରିଥିଲେ। ଜିଲାର ସମବାୟ ସମିତିର ସଭାପତି, ସମ୍ପାଦକ, ସମବାୟ ବିଭାଗର କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସମବାୟ ସମିତି ସମ୍ପର୍କିତ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରା ଯାଇଥିଲା। ପ୍ରବନ୍ଧ ପ୍ରତିଯୋଗିତାର କନିଷ୍ଠ ବର୍ଗରେ ସାହାରା ଟ୍ରଷ୍ଟ ହାଇସ୍କୁଲର ଅଙ୍କିତା ବେହେରା ପ୍ରଥମ, ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ କେନ୍ଦୁଝିରିଆପାଲିର ଲୋପାମୁଦ୍ରା ତାଣ୍ଡିଆ ଦ୍ୱିତୀୟ ଓ ବୀରମହାରାଜପୁର ଗାର୍ଲସ ହାଇସ୍କୁଲର ଅନ୍ୟାସିନୀ କଲତା ତୃତୀୟ ସ୍ଥାନ ଅଧିକାର କରିଥିଲେ। ବରିଷ୍ଠ ବର୍ଗରେ ସୋନପୁର କଲେଜର ଶ୍ରୀୟା ଦାଶ ପ୍ରଥମ, ସୋନପୁର କେନ୍ଦ୍ରୀୟ ବିଦ୍ୟାଳୟର ରିତୁଶ୍ରୀ ଭୋଇ ଦ୍ୱିତୀୟ ଓ ତରଭା ଏଇଏସ କଲେଜର ଲିନା ମେହେର ତୃତୀୟ ହୋଇଥିଲେ। ବକ୍ତୃତା ପ୍ରତିଯୋଗିତାରେ କନିଷ୍ଠ ବର୍ଗରେ ସୋନପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ଅର୍ଚ୍ଚନା ମହାନ୍ତି ପ୍ରଥମ, ସୁକାନ୍ତି ଇଣ୍ଟରନ୍ୟାଶନାଲ ସ୍କୁଲର ପ୍ରିତିଶ ନାୟକ ଦ୍ୱିତୀୟ ଓ ସୋନପୁର ସାହାରା ଟ୍ରଷ୍ଟ ହାଇସ୍କୁଲର ସଙ୍ଗୀତା ମହାକୁର ତୃତୀୟ ସ୍ଥାନ ଅଧିକାର କରିଥିଲେ। ବରିଷ୍ଠ ବର୍ଗରେ ସୋନପୁର କଲେଜର ରୋହନ ସୁନା ପ୍ରଥମ, ତରଭା ଏଇଏସ କଲେଜର ଅର୍ଚ୍ଚନା ମିଶ୍ର ଦ୍ୱିତୀୟ ଓ ବୀରମହାରାଜପୁର କଲେଜର ସଞ୍ଜନା ମହାକୁର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହା ବ୍ୟତୀତ ସୁବର୍ଣ୍ଣପୁର ଜିଲାରେ ସର୍ବୋତ୍ତମ ପ୍ରଦର୍ଶନ କରିଥିବା ସମବାୟ ସମିତି ଗୁଡିକୁ ପୁରସ୍କାର କରା ଯାଇଥିଲା। ସର୍ବୋତ୍ତମ ପାକ୍ସ ଭାବେ ତରଭା ବ୍ଲକର ଚାରଭଟା, ସୋନପୁର ବ୍ଲକର କଳାପଥର, ବିନିକା ବ୍ଲକର ମହଦା, ଡୁଙ୍ଗୁରିପାଲି ବ୍ଲକର ଇଛାପୁର, ବୀରମହାରାଜପୁର ବ୍ଲକର ମୁର୍ଷୁଣ୍ଡି ଓ ଉଲୁଣ୍ଡା ବ୍ଲକର ବିଶିପଡା ପାକ୍ସ ପୁରସ୍କୃତ ହୋଇଥିଲା। ଜିଲାର ସର୍ବୋତ୍ତମ ବିଡିସିସିବି ଶାଖାଭାବେ ସୋନପୁର ବିଡିସିସି ବ୍ୟାଙ୍କ ଓ ବୀରମହାରାଜପୁର ବିଡିସିସି ବ୍ୟାଙ୍କ୍। ଶ୍ରେଷ୍ଠ ପ୍ରଦର୍ଶନକାରୀ ବୁଣାକାର ସମବାୟ ସମିତି ଭାବେ ସୋନପୁର ବ୍ଲକର ସାଗରପାଲି ସ୍ଥିତ ମା' ବୁଣାକାର ସମବାୟ ସମିତି ଓ ଶ୍ରେଷ୍ଠ ପ୍ରଦର୍ଶନକାରୀ ଦୁଗ୍ଧ ସମବାୟ ସମିତି ଭାବେ ଡୁଙ୍ଗୁରିପାଲି ବ୍ଲକ କର୍ଲାଜୁରୀର ଲକ୍ଷ୍ମୀନାରାୟଣ ସମବାୟ ସମିତିକୁ ପୁରସ୍କୃତ କରାଯାଇଥିଲା।

## ସଂକ୍ଷେପରେ

### ନଦୀରୁ ଯୁବକଙ୍କ ମୃତଦେହ ଜବତ

ରାଉରକେଲା,୨୧।୧୧(ଦିନେଶ ମିଶ୍ର/ଆଲୋକ ସ୍ୱାଇଁ): ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବ୍ରାହ୍ମଟୋଲା ନଦୀ କୂଳରୁ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଗୁରୁବାର ଜବତ କରିଛି। ମୃତ ଯୁବକ ହେଲେ ମାଥିଆସ୍ ଟୋପୋ(୪୫)। ପୋଲିସ ମୃତଦେହକୁ ଆର୍‌ଜିଏଚ୍ ମର୍ଗ ହାଉସ୍‌ରେ ରଖିବା ସହ ଏକ ଅପମୃତ୍ୟୁ ମାମଲା (ନଂ.୧୫୩/୨୪) ରୁଜୁ କରିଛି। ସୂଚନାଯୋଗ୍ୟ, ବଲଣ୍ଡା ଗ୍ରାମର ମାଥିଆସ୍ ଗତ ୩ ଦିନ ତଳେ ଗାଁ ନିକଟ ବ୍ରାହ୍ମଣୀ ନଦୀକୁ ମାଛ ମାରିବାକୁ ଯାଇଥିଲେ। ସନ୍ଧ୍ୟାରେ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରୁଥିବାବେଳେ ଯୁବକ ଜଣଙ୍କ ଭାସିଯାଇ ବାଗଡେଗା ଗ୍ରାମ ନିକଟସ୍ଥ ବ୍ରାହ୍ମଟୋଲା ଗ୍ରାମ ନଦୀକୂଳରେ ଲାଗିଥିଲେ। ଗୁରୁବାର ଗାଁ ଲୋକେ ଏହା ଦେଖି ପୋଲିସକୁ ଖବର ଦେଇଥିଲେ।

### ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ପାଳିତ

ରାଉରକେଲା,୨୧।୧୧(ବିପ୍ଳବ ରଞ୍ଜନ ଦାଶ): ଗୁରୁବାର ବେଦବ୍ୟାସ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟରେ ଗୁରୁବାର ଡ. ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ପାଳିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଡ. ଉମାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମାଜସେବୀ ରମେଶ ଚନ୍ଦ୍ର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜନନାୟକ ମହତାବଙ୍କୁ ଆଧୁନିକତାର ମୂଳଦୁଆର ସୂତ୍ରଧର ବୋଲି କହିଥିଲେ। ପରେ କଲେଜ ଅଧ୍ୟକ୍ଷ ମହତାବ ଜଣେ ମହାନ ଐତିହାସିକ, ଗବେଷକ, ରାଜନୈତିକ ଓ ବିଚକ୍ଷଣ ପ୍ରତିଭା ସମ୍ପନ୍ନ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ବୋଲି କହିଥିଲେ। ଜୟନ୍ତୀ ପାଳନ କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସନ୍ତୋଷ କୁମାର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ ଉଦ୍‌ଯାପିତ

ରାଉରକେଲା,୨୧।୧୧(ଦିନେଶ ମିଶ୍ର): ରାଉରକେଲା ପାନପୋଷ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୪ତମ ବାର୍ଷିକ କ୍ରୀଡା ଉତ୍ସବ ସରକାରୀ ଆଇଟିଆଇ ପଡିଆରେ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟର ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ସୁଧାକର ଦୁବେ ମୁଖ୍ୟ ଅତିଥି, ଭାରତୀୟ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ଅବସରପ୍ରାପ୍ତ ମ୍ୟାନେଜର ବସନ୍ତ କୁମାର ତନ୍ତୀ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ରମେଶ ଚନ୍ଦ୍ର ଅଗ୍ରୱାଲ, କୋଷାଧ୍ୟକ୍ଷ ଚନ୍ଦନଲାଲ ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟା ଉଷାରାଣୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ମିଲି ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାର୍ଷିକ କ୍ରୀଡା ସମାପନ ହୋଇଥିଲା। ରବିନ୍ଦ୍ର କୁମାର ସାମଲ, ମନମୋହନ ସାହୁ, ଆଚାର୍ଯ୍ୟା କୁନଲତା ରାଉତ, ସ୍ନେହପ୍ରଭା ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ଡଲି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସତ୍ତା ହରାଉଛି ଇକୋ ଫ୍ରେଣ୍ଡଲି ପାର୍କ

ରାଉରକେଲା,୨୧।୧୧(ବିପ୍ଳବ ରଞ୍ଜନ ଦାଶ)



ରାଉରକେଲା ସହରର ଏକ ପାଚେରି ବିହୀନ ପାର୍କ।

ସ୍ମାର୍ଟସିଟି ମାନ୍ୟତା ପାଇବା ପରେ ରାଉରକେଲା ସହରର ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପ ନିର୍ମାଣରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ମାତ୍ର ପ୍ରଶାସନିକ ଅବହେଳା ଏବଂ ରକ୍ଷଣାବେକ୍ଷଣ ଅଭାବ ଯୋଗୁ ବହୁ ଇକୋ ଫ୍ରେଣ୍ଡଲି ପାର୍କ ସତ୍ତା ହରାଇବାକୁ ବସିଛି।

ରାଉରକେଲା ମହାନଗର ନିଗମ ପକ୍ଷରୁ ବିଗତ ଦୁଇବର୍ଷ ମଧ୍ୟରେ ୬କୋଟି ଟଙ୍କା ବ୍ୟୟରେ ୧୭ଟି ଇକୋ ଫ୍ରେଣ୍ଡଲି ପାର୍କ ନିର୍ମାଣ ହୋଇଛି। ଏହି ପାର୍କରେ ଛୋଟରୁ ବଡ ସମସ୍ତଙ୍କ ପାଇଁ ସକାଳୁଆ ବ୍ୟାୟାମ ସହ ସମୟ ଅତିବାହିତ କରିବା ପାଇଁ ସମସ୍ତ ପ୍ରକାରର ସରଞ୍ଜାମ ଓ ବ୍ୟବସ୍ଥା ରହିଛି। ମାତ୍ର ପାର୍କଗୁଡିକ ରକ୍ଷଣାବେକ୍ଷଣ ଅଭାବରୁ ଦିନକୁ ଦିନ ଅସାମାଜିକଙ୍କ ଚରାଭୂଇଁ ପାଲଟିଛି। ରାଉରକେଲା ମହାନଗର ନିଗମ ପକ୍ଷରୁ ଛେଣ୍ଡ କଲୋନିରେ ୨.୮୧ କୋଟି ଟଙ୍କା ବ୍ୟୟରେ ୮ଟି ପାର୍କ, ସିଭିଲଟାଉନଶିପ୍ ଏବଂ ବାସନ୍ତୀ କଲୋନିରେ ୩.୨୪ କୋଟିରେ ୯ଟି ପାର୍କ ନିର୍ମିତ ହୋଇଛି। ବିଭିନ୍ନ ଯୋଜନାରେ ଏହିସବୁ ପାର୍କ ନିର୍ମାଣ କରାଯାଇଥିବା ବେଳେ ଲୋକଙ୍କ ହିତରେ ସେଗୁଡିକ ଲାଗିପାରୁନାହିଁ। ବିଶ୍ୱକପ୍ ହକି ପୂର୍ବରୁ ଏଭଳି ଅନେକ ପ୍ରକଳ୍ପ ପାଇଁ ପାଣି ଭଳି ଅର୍ଥ ଖର୍ଚ୍ଚ କରାଗଲା। ମାତ୍ର ପରବର୍ତ୍ତୀ ସମୟରେ ପ୍ରଶାସନିକ ଉଦାସୀନତା ଓ ରକ୍ଷଣାବେକ୍ଷଣ ଅଭାବରୁ କୋଟି କୋଟି ଟଙ୍କାର ସ୍ମାର୍ଟ ପ୍ରକଳ୍ପ କେବଳ ଆଖିକୁ ଭଲ ଦେଖାଯାଉଥିବା ବେଳେ ଲୋକଙ୍କ କାମରେ ଆସୁନାହିଁ।

ଏହି ୧୭ଟି ଇକୋ ଫ୍ରେଣ୍ଡଲି ପାର୍କ ମଧ୍ୟରୁ ଅନେକ କୋମଳମତି ପିଲାଙ୍କ ଖେଳକୁଦ ପାଇଁ ନିର୍ମାଣ ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ ବହୁ ପାର୍କ ପାଚେରି ଅଭାବରୁ ମୁକୁଳା ଅବସ୍ଥାରେ ରହିଛି। ଫଳରେ ବୁଲା ଗାଈଗୋରୁ ପାର୍କକୁ ପ୍ରବେଶ କରୁଛନ୍ତି। ପାର୍କ ସାରା ଅନାବନା ଘାସଲତାରେ ଭର୍ତ୍ତି ହୋଇଛି। ଶୀତୁଆ ସକାଳରେ ସହରବାସୀ ଟିକିଏ ବ୍ୟାୟାମ କରି ଶାରୀରିକ ସୁସ୍ଥତା ପାଇଁ ବ୍ୟଗ୍ର ରହୁଥିବା ବେଳେ ପାର୍କର ଅବ୍ୟବସ୍ଥା ସେମାନଙ୍କ ଉଦ୍ଦେଶ୍ୟ ପୂରଣ କରିପାରୁନାହିଁ। ଏଣୁ ଏ ଦିଗରେ ପ୍ରଶାସନ ତରଫରୁ ବିହିତ ପଦକ୍ଷେପ ନେବାକୁ ସହରବାସୀ ଦାବି କରିଛନ୍ତି। ଏ ନେଇ ରାଉରକେଲା ମହାନଗର ନିଗମ ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣିଙ୍କୁ ପଚାରିବାରୁ ସେ କହିଥିଲେ, ସହରର ଅବ୍ୟବସ୍ଥିତ ପାର୍କଗୁଡିକର ସର୍ବେକ୍ଷଣ କରି ସେଗୁଡିକୁ ସୁବ୍ୟବସ୍ଥିତ କରାଯିବ। ପାଚେରି ବିହିନ ପାର୍କଗୁଡିକର ମଧ୍ୟ ଶୀଘ୍ର ପାଚେରି ନିର୍ମାଣ କରାଯିବ ବୋଲି ସେ କହିଥିଲେ।

# ଦକ୍ଷିଣ-ପୂର୍ବ ରେଲୱେ ଜିଏମ୍‌ଙ୍କ ରାଉରକେଲା ଗସ୍ତ



ରେଲୱେ ଜିଏମ୍ ବିଭିନ୍ନ କାର୍ଯ୍ୟ ଦେଖୁଛନ୍ତି।

ରାଉରକେଲା,୨୧।୧୧(ଦିନେଶ ମିଶ୍ର)

ଦକ୍ଷିଣ-ପୂର୍ବ ରେଲୱେ ଜିଏମ୍ ଅନୀଲ କୁମାର ମିଶ୍ର ଗୁରୁବାର ରାଉରକେଲା ଗସ୍ତ କରିଥିଲେ। ଏହି ଗସ୍ତ ସମୟରେ ତାଙ୍କ ସହ ରାଉରକେଲା ଷ୍ଟେଶନ ମାଷ୍ଟର ପ୍ରଭାସ ରଞ୍ଜନ ଦାଶଙ୍କ ସମେତ ବହୁ ରେଲୱେ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଜିଏମ୍ ମିଶ୍ର କଲିକତାରୁ ଟ୍ରେନ ଯୋଗେ ଚକ୍ରଧରପୁର ରେଳ ମଣ୍ଡଳ ଦେଇ ସକାଳ ୬ଟାରେ ରାଉରକେଲାରେ ପହଞ୍ଚିଥିଲେ। ପରେ ସେ ରାଉରକେଲା ରେଳ ଷ୍ଟେଶନରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରିଥିଲେ। ଏଥିସହ ରାଉରକେଲା ଦେଇ ଯାଉଥିବା ତୃତୀୟ ରେଳ ଲାଇନର ସମ୍ପ୍ରସାରଣ ବିଷୟରେ ବରିଷ୍ଠ ଅଧିକାରୀଙ୍କୁ ପଚାରି ବୁଝିଥିଲେ। ପରେ ସେ ନୂଆଗାଁ ଷ୍ଟେଶନ ଅଭିମୁଖେ ସକାଳ ୮ଟା ୫୫ରେ ଯାତ୍ରା କରି ହାତିଆକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

# ସିଲ୍ ହେଲା ମଧୁବନ ରେଷ୍ଟୁରାଣ୍ଟ

ରାଉରକେଲା,୨୧।୧୧(ଦିନେଶ ମିଶ୍ର)



ଆର୍‌ଏମ୍‌ସି ଅଧିକାରୀମାନେ ରେଷ୍ଟୁରାଣ୍ଟକୁ ସିଲ୍ କରୁଛନ୍ତି।

- ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ତିଆରି
- ୩ ଥର ନୋଟିସ୍ ପରେ କାର୍ଯ୍ୟାନୁଷ୍ଠାନ

ରାଉରକେଲା ସହରର ବିଭିନ୍ନ ସ୍ଥାନରେ ଆର୍‌ଏମ୍‌ସି ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଚଢାଉ ଜାରି ରହିଛି। ଏହି କ୍ରମରେ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ତିଆରି କରାଯାଉଥିବାରୁ ସେକ୍ଟର-୪ ସ୍ଥିତ ମଧୁବନ ରେଷ୍ଟୁରାଣ୍ଟକୁ ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି)ର ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଗୁରୁବାର ଏହାକୁ ସିଲ୍ କରାଯାଇଛି। ଗ୍ରାହକମାନଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଆର୍‌ଏମ୍‌ସି ପକ୍ଷରୁ ସହରରେ ଥିବା ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ ଓ ରାସ୍ତାକଡ଼ ଖାଦ୍ୟ ଦୋକାନରେ ନିୟମିତ ଚଢ଼ାଉ କରାଯାଉଥିବା ଖାଦ୍ୟ ସୁରକ୍ଷା ବିଭାଗ ଅଧିକାରୀ ସ୍ୱାଗତିକା ବେହେରା ସୂଚନା ଦେଇଛନ୍ତି।

ମଧୁବନ ରେଷ୍ଟୁରାଣ୍ଟରେ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତି କରାଯାଉଥିବା ଅଭିଯୋଗ ହୋଇଥିଲା। ଫଳରେ ରୋଷେଇ ଗୃହରେ ସ୍ୱଚ୍ଛତା ତଥା ପରିଷ୍କାର ପରିଚ୍ଛନ୍ନତା ବଜାଇ ରଖିବା ପାଇଁ ସମ୍ପୃକ୍ତ ରେଷ୍ଟୁରାଣ୍ଟକୁ ଆର୍‌ଏମ୍‌ସି ପକ୍ଷରୁ ନୋଟିସ ଜାରି କରାଯାଇଥିଲା। ୩ଥର ନୋଟିସ ଦେବା ପରେ ମଧ୍ୟ ଉକ୍ତ ରେଷ୍ଟୁରାଣ୍ଟ ଆର୍‌ଏମ୍‌ସିର ଖାଦ୍ୟ ସୁରକ୍ଷା ବିଭାଗର ନିୟମକୁ ଅଣଦେଖା କରିଥିଲା। ଫଳରେ ଆରଏମ୍‌ସି କମିଶନର ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶକ୍ରମେ ମଧୁବନ ରେଷ୍ଟୁରାଣ୍ଟକୁ ୭ଦିନ ପାଇଁ ସିଲ୍ କରାଯାଇଛି। ଏହି ସମୟରେ କାର୍ଯ୍ୟନିର୍ବାହୀ ଜିଲା ମାଜିଷ୍ଟ୍ରେଟ୍ ବିକାଶ କୁମାର ଭୋଇ, ଆର୍‌ଏମ୍‌ସି ଖାଦ୍ୟ ସୁରକ୍ଷା ବିଭାଗ ଅଧିକାରୀ ବେହେରା, ଦୀକ୍ଷା ଦେ, ମୋନାଲିସା ଟପ୍ପୋଙ୍କ ସମେତ ବହୁ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ରକ୍ତଦାନ ଶିବିର, ୨୭ ୟୁନିଟ୍ ସଂଗ୍ରହ

ରାଉରକେଲା,୨୧।୧୧(ବିପ୍ଳବ ରଞ୍ଜନ ଦାଶ): ସେକ୍ଟର-୨ ସ୍ଥିତ ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟରେ ଗୁରୁବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଇଜିଏଚ୍ ବ୍ଲଡ୍ ବ୍ୟାଙ୍କ, କଲେଜର ରେଡ୍‌କ୍ରସ ଶାଖା ଓ ଏନ୍‌ଏସ୍‌ଏସ୍ ୟୁନିଟ୍ ମିଳିତ କ୍ରମେ ଏହାକୁ ଆୟୋଜନ କରିଥିଲେ। ଶିବିରରେ ବ୍ଲଡ ବ୍ୟାଙ୍କର ମେଡିକାଲ ଅଧିକାରୀ ଡି. ଏମ୍ ସୋରେନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରକ୍ତଦାନର ମହତ୍ୱ ବିଷୟରେ ଉପସ୍ଥିତ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକମାନଙ୍କୁ ଅବଗତ କରିଥିଲେ। କଲେଜ ଅଧ୍ୟକ୍ଷା ଈପ୍‌ସିତା ଏକ୍କା ଛାତ୍ରୀମାନଙ୍କୁ ରକ୍ତଦାନ କରି ମହାପୂଣ୍ୟ ଅର୍ଜନ କରିବାକୁ କହିଥିଲେ। ଅଧ୍ୟାପକ ମାନସ ବେହେରା ରକ୍ତଦାନ ମାନବିକତା ପ୍ରଦର୍ଶନର ଏକ ଅବିଚ୍ଛିନ୍ନ ଅଙ୍ଗ ବୋଲି କହିଥିଲେ। ଏନ୍‌ଏସ୍‌ଏସ୍‌ର ପରିଚାଳନା ଅଧିକାରୀ ପ୍ରକାଶ ସୋରେଙ୍ଗ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପିକା ସୋନିଆ ମାଝୀ, ସ୍ନେହଲତା ଧରୁଆ ଓ ଲିପିକା କେରକେଟା ପ୍ରମୁଖ ସହଯୋଗ କରିଥିଲେ। ଶିବିରରେ ୨୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

# ରାଉରକେଲାକୁ ୨ ସ୍ୱର୍ଣ୍ଣ ସମେତ ୧୦ ପଦକ



ପଦକ ଜିତିଥିବା କରାଟେକାଗଣ।

ରାଉରକେଲା,୨୧।୧୧(ଦିନେଶ ମିଶ୍ର)

**କରାଟେ ଚାମ୍ପିୟନ୍‌ଶିପ୍**

ରାଜ୍ୟ କରାଟେ ଚାମ୍ପିୟନଶିପ୍‌ରେ ରାଉରକେଲାର କରାଟେକାମାନଙ୍କୁ ୨ଟି ସ୍ୱର୍ଣ୍ଣ ସହ ୧୦ଟି ପଦକ ମିଳିଛି। ଏହି ସଫଳତା ପାଇଁ ରାଉରକେଲା କରାଟେ ଆସୋସିଏଶନ ସଭାପତି ତଥା ବିଧାୟକ ସାରଦା ପ୍ରସାଦ ନାୟକ କୃତୀ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶା ରାଜ୍ୟ କରାଟେ ଆସୋସିଏଶନ (ଓସ୍କା) ପକ୍ଷରୁ ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲରେ ୩୬ତମ ରାଜ୍ୟ ସବ୍‌ଜୁନିୟର କରାଟେ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଓସ୍କା ଦ୍ୱାରା ସ୍ୱୀକୃତିପ୍ରାପ୍ତ ୨୨ଟି ଜିଲା ଆସୋସିଏଶନ ପକ୍ଷରୁ ୫୮୦ ଜଣ ସବ୍‌ଜୁନିୟର ବର୍ଗ (୬ରୁ ୧୩ ବର୍ଷ)ର କରାଟେକା ଅଂଶଗ୍ରହଣ କରିଥିଲେ। ଏହି କ୍ରମରେ ରାଉରକେଲା କରାଟେ ଆସୋସିଏଶନ ମାଧ୍ୟମରେ ରାଉରକେଲା ଉତ୍କଳ କରାଟେ ସ୍କୁଲ, ଟେନସା ଉତ୍କଳ କରାଟେ ସ୍କୁଲରୁ ୧୫ ଜଣ କରାଟେକା ଏହି ଚାମ୍ପିୟନ୍‌ଶିପ୍‌ରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଅର୍ଣ୍ଣାଦିତ୍ୟ ସ୍ୱାଇଁଙ୍କୁ ୧ଟି ସ୍ୱର୍ଣ୍ଣପଦକ ସହ ରୌପ୍ୟ ପଦକ ମିଳିଛି। ସେହିପରି ଆଦିତ୍ୟ ଷଡଙ୍ଗୀ ଗୋଟିଏ ସ୍ୱର୍ଣ୍ଣ ଓ ଆରୁଷ ପାତ୍ର ୧ଟି ରୌପ୍ୟ ପଦକ ହାସଲ କରିଛନ୍ତି। ଆୟୁଷ୍ମାନ ବାରିକ, ଶ୍ରେୟାଂଶ ଓଝାଙ୍କୁ ଗୋଟିଏ ଲେଖାଏଁ ରୌପ୍ୟ ପଦକ ମିଳିଥିବାବେଳେ ପ୍ରିୟାଂଶୀ ଦାସ, ସାଚୀ ମିଶ୍ର, ଡି. ଧନୁଷ, ଆରାଧ୍ୟା ଜସୱାଲ ଗୋଟିଏ ଲେଖାଏଁ କାଂସ୍ୟ ପଦକ ସହ ମୋଟ ୧୦ଟି ପଦକ ହାସଲ କରିଛନ୍ତି। ରାଉରକେଲା ଦଳରେ ଅଭିଷେକ ପଟ୍ଟନାୟକ ଓ ରଞ୍ଜନ କୁମାର ପାତ୍ର କୋଚ ଓ ମ୍ୟାନେଜର ଦାୟିତ୍ୱ ତୁଲାଇଥିଲେ। ଚାମ୍ପିୟନ୍‌ଶିପ୍‌ର ଉଦ୍‌ଯାପନୀ ଉତ୍ସବରେ ଯୁବନେତା ଜଗନ୍ନାଥ ପ୍ରଧାନ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଓସ୍କାର କର୍ମକର୍ତ୍ତା ଡକ୍ଟର ଗୌରୀ ମହାନ୍ତି, ପ୍ରଦୀପ ସରକାର, ସୌର୍ଯ୍ୟରଞ୍ଜନ ସାସମଲ, ଖାରବେଳ ମଲ୍ଲିକ, କାଳୀ ପ୍ରସାଦ ନନ୍ଦ, ପ୍ରକାଶ ପଟ୍ଟନାୟକ ଓ ସନତ ନାୟକ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ସୂଚନାଯୋଗ୍ୟ, ଏହି ପ୍ରତିଯୋଗିତାରୁ ମନୋନିତ ଖେଳାଳୀମାନେ ଆସନ୍ତା ଡିସେମ୍ବର ମାସରେ ହେବାକୁ ଥିବା ଜାତୀୟ ସବ୍‌ଜୁନିୟର କରାଟେ ଚାମ୍ପିୟନଶିପ୍‌ରେ ଓଡିଶାକୁ ପ୍ରତିନିଧିତ୍ୱ କରିବେ ବୋଲି ଓସ୍କା ସଭାପତି ଡକ୍ଟର ହାଂଶୀ ହରିପ୍ରସାଦ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଏନ୍‌ଆଇଟି, ବିପିୟୁଟି ଓ ଆର୍‌ଏସ୍‌ପି ରାଉରକେଲାର ପ୍ରାଣ

**ବିପିୟୁଟିରେ ୨୩ତମ ପ୍ରତିଷ୍ଠା ଦିବସ ପାଳିତ**

ରାଉରକେଲା,୨୧।୧୧(ବିପ୍ଳବ ରଞ୍ଜନ ଦାଶ)




ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥିଗଣ।

ରାଉରକେଲା ଛେଣ୍ଡସ୍ଥିତ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର ୨୩ତମ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଉତ୍ସବରେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଅତିଥି, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ରାଉରକେଲା ବିଧାୟକ ସାରଦା ନାୟକ, ରଘୁନାଥପଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ, ରାଉରକେଲା ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ବିପିୟୁଟି କୁଳପତି ପ୍ରଫେସର ଅମୀୟ କୁମାର ରଥ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ବାର୍ଷିକ ବିବରଣୀ ପଠନ କରିଥିଲେ ବିପିୟୁଟିର ରେଜିଷ୍ଟ୍ରାର ନିଶି ପୁନମ ମିଞ୍ଜ। ମୁଖ୍ୟ ଅତିଥି ବିପିୟୁଟିରେ ଶିକ୍ଷାଲାଭ କରୁଥିବା ପିଲାମାନଙ୍କ ଉନ୍ନତି କାମନା କରିବା ସହ ବିପିୟୁଟି, ଏନ୍‌ଆଇଟି ଓ ଆର୍‌ଏସ୍‌ପି ରାଉରକେଲାର ପ୍ରାଣ ବୋଲି କହିଥିଲେ। ସ୍ୱାସ୍ଥ୍ୟ ମନ୍ତ୍ରୀ ମହାଲିଙ୍ଗ ଓଡିଶାକୁ ଇନ୍‌ଫର୍ମେଶନ ଟେକ୍ନୋଲୋଜି ହବ୍ ଭାବେ ଉଭା କରିବା ପାଇଁ ବିପିୟୁଟିର ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ ଦେଇଥିଲେ। ଏଥିସହ ଆଇଟି କ୍ଷେତ୍ରରେ ଓଡିଶା ଯେପରି ଅଗ୍ରଣୀ ଭୂମିକା ଗ୍ରହଣ କରିବ ସେଥିପ୍ରତି ପିଲାଙ୍କୁ କାର୍ଯ୍ୟ କରିବାକୁ ମନ୍ତ୍ରୀ ମହାଲିଙ୍ଗ ପ୍ରେରଣା ଦେଇଥିଲେ। ସେମି କଣ୍ଡକ୍ଟର ଓ ଆଇଟି ହବ୍ ପାଇଁ ଓଡିଶା ସରକାରଙ୍କ ପକ୍ଷରୁ ଭୁବନେଶ୍ୱରରେ ୩୬ ଏକର ଜମି ନିଆଯାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରୀ ସୂଚନା ପ୍ରଦାନ କରିଥିଲେ। ବିପିୟୁଟି ଅଧୀନରେ ୧୩୫ ବୈଷୟିକ ବିଦ୍ୟାଳୟ କାର୍ଯ୍ୟ କରୁଥିବାରୁ ସେ ଖୁସିବ୍ୟକ୍ତ କରିଥିଲେ। ନିଶି ପୁନମ ମିଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ରିକେଟ ଟୁର୍ନାମେଣ୍ଟ: ୱାଇସିସି ଚାମ୍ପିୟନ

ରାଉରକେଲା,୨୧।୧୧(ଦିନେଶ ମିଶ୍ର)

ରାଉରକେଲା ବାସନ୍ତୀ କଲୋନୀସ୍ଥିତ ଡିଏଭି ଖେଳ ପଡିଆରେ ବାସନ୍ତୀ ୟୁଥ୍ କ୍ଲବ ପକ୍ଷରୁ ଆୟୋଜିତ ଅଣ୍ଡର-୧୫ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ୱାଇସିସି ଅଣ୍ଡର-୧୫ ଓ ଆନ୍ଧ୍ରପ୍ରଦେଶର ଇଛାପୁର କ୍ରିକେଟ ଏକାଡେମୀ ମଧ୍ୟରେ ଖେଳାଯାଇଥିଲା। ଏଥିରେ ୱାଇସିସି ଅଣ୍ଡର-୧୫ କ୍ରିକେଟ୍ ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା। ୱାଇସିସି ଦଳ ନିର୍ଦ୍ଧାରିତ ୫୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୨୦୧ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଗୋବିନ୍ଦ ପଟ୍ଟନାୟକ ସର୍ବାଧିକ ୪୯ ରନ୍ କରିଥିବାବେଳେ ତନବୀର ସିଂ ଧୀମାନ ୨୬ ରନ୍ କରିଥିଲେ। ଏହି ରନ୍ ଲକ୍ଷ୍ୟ ନେଇ ଆନ୍ଧ୍ରପ୍ରଦେଶର ଇଛାପୁର କ୍ରିକେଟ ଏକାଡେମୀ ୧୪୮ ରନ୍‌ରେ ଅଲ ଆଉଟ୍ ହୋଇ ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ସମ୍ବିତ କୁମାର ସର୍ବାଧିକ ୩୦ ରନ କରିଥିଲେ। ଏହି ମ୍ୟାଚ୍‌ରେ ସମାଜସେବୀ ପ୍ରକାଶ ବାରିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କ୍ଲବର ଟ୍ରଷ୍ଟି ଶୁବେନ୍ଦୁ ଧଳ ଓ ସରୋଜ ମଲ୍ଲ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅମ୍ପାୟାର ଭାବେ ରାହୁଲ ଛତ୍ରୀ ଓ ସରୋଜ ମ୍ୟାଚ୍ ପରିଚାଳନା କରିଥିଲେ। ଏହି ମ୍ୟାଚ୍‌ରେ ଦିବ୍ୟା ରାଉତରାୟ ରନ୍ ତଦାରଖ କରିଥିଲେ। ଏହି ଟୁର୍ନାମେଣ୍ଟକୁ ୱାଇସିସି କ୍ଲବର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।



ଡିଏଭି ଖେଳ ପଡିଆରେ ଫାଇନାଲ ମ୍ୟାଚ୍‌ର ଦୃଶ୍ୟ।

# ସହଯୋଗ କଲେ ରାଉରକେଲାର ବିକାଶ ନିଶ୍ଚିତ

**ରାଉରକେଲା ସହର ସେବା ସମିତି ପ୍ରତିଷ୍ଠା ଦିବସରେ ମତପ୍ରକାଶ**

ରାଉରକେଲା,୨୧।୧୧(ବିପ୍ଳବ ରଞ୍ଜନ ଦାଶ)



ସମାରୋହରେ ମଞ୍ଚାସୀନ ଅତିଥିଗଣ।

ରାଉରକେଲା ସେକ୍ଟର-୪ସ୍ଥିତ ଭଞ୍ଜ ଭବନ ପ୍ରେକ୍ଷାଳୟରେ ଗୁରୁବାର ରାଉରକେଲା ସହରସେବା ସମିତିର ପ୍ରତିଷ୍ଠା ଦିବସ ଓ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଏ ନେଇ ରାଉରକେଲାର ଅଭିବୃଦ୍ଧିରେ ବରେଣ୍ୟ ଅଧିପତିଙ୍କ ଅବଦାନ ଶୀର୍ଷକ ଉପରେ ଆଲୋଚନା ହୋଇଥିଲା। ସମିତିର ଅଧ୍ୟକ୍ଷ ଶୈଳେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଅତିଥି, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଏବଂ ବରିଷ୍ଠ ସାମ୍ବାଦିକ ନବୀନ ଦାସ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ମୁଖ୍ୟ ଅତିଥି ଓରାମ କହିଥିଲେ, ଆର୍‌ଏସ୍‌ପି ହାତରେ ରାଉରକେଲା ଶିଳ୍ପାଞ୍ଚଳର ବିକାଶ ନ୍ୟସ୍ତ ରହିଛି। ସହରରେ ଶହ ଶହ ଏକର ଜମି ଜବରଦଖଲ ହୋଇ ରହିଛି। ଜବରଦଖଲ ଉଚ୍ଛେଦ କଲେ ବହୁ ବିବାଦୀୟ ପ୍ରସଙ୍ଗ ଉତ୍ପନ୍ନ ହେଉଛି। କିଛି ରାଜନୈତିକ ବ୍ୟକ୍ତି ଲୋକଙ୍କୁ ବିରୋଧ ପାଇଁ ଉସୁକାଉଛନ୍ତି। ରାଉରକେଲା ବିମାନ ବନ୍ଦର ଉନ୍ନତୀକରଣ ପାଇଁ ଲୋକମାନେ ଜମି ଛାଡୁନାହାନ୍ତି। ରେଳପଥ ଯୋଗେ ମାଲ ନେବା ଆଣିବାର ପ୍ରମୁଖ କେନ୍ଦ୍ର ବନ୍ଧମୁଣ୍ଡା ଭଳି ଷ୍ଟେଶନର ଉନ୍ନତୀକରଣ କାର୍ଯ୍ୟ ପାଇଁ ଲୋକମାନଙ୍କୁ ଉପଯୁକ୍ତ ଥଇଥାନ ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ସେମାନେ ଜାଗା ଛାଡୁନାହାନ୍ତି। ରାଉରକେଲାର ସର୍ବାଙ୍ଗୀନ ବିକାଶ ପାଇଁ ବ୍ୟାପକ ଜାଗା ଆବଶ୍ୟକ ଅଛି। ଏଣୁ ଏଥିରେ ଡବଲ ଇଞ୍ଜିନ ସରକାରଙ୍କୁ ସମସ୍ତେ ସହଯୋଗ କଲେ ରାଉରକେଲାର ବିକାଶ ନିଶ୍ଚିତ ହେବ ବୋଲି ଓରାମ କହିଥିଲେ। ସେହିପରି ସାରଦା ପ୍ରସାଦ ନାୟକ ତାଙ୍କ ସରକାର ଅମଳରେ ସହରରେ ଶିକ୍ଷା, ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ଲୋକଙ୍କ ମୌଳିକ ଅଧିକାର କିଭଳି ସାବ୍ୟସ୍ତ ହୋଇପାରିଛି ତାର ତଥ୍ୟ ଉପସ୍ଥାପନ କରିଥିଲେ। ଅନ୍ୟତମ ଅତିଥି ନବୀନ ଦାସ କହିଥିଲେ, ରାଉରକେଲା ଷ୍ଟିଲ ପ୍ଲାଣ୍ଟ ସ୍ଥାପନରେ ହରେକୃଷ୍ଣ ମହତାବ ଓ ବିଜୁ ବାବୁଙ୍କ ଅବଦାନ ଥିଲା । ୨୦୦୦ ମସିହାରେ ରାଜ୍ୟରେ ବିଜେଡି ସରକାର ଅମଳରେ ରାଜ୍ୟରେ ସ୍ଥିର ଶାସନ ହୋଇଛି ସତ ମାତ୍ର ଅନେକ ଗଣତାନ୍ତ୍ରିକ ସମସ୍ୟାର ଅନ୍ତ ହୋଇପାରିଲାନାହିଁ। ରାଉରକେଲା ଓ ସମ୍ବଲପୁର ଭଳି ମହାନଗର ନିଗମ ନିର୍ବାଚନ ସ୍ଥଗିତ ରହିବା ଘଟଣାକୁ ସେ ଉଦାହରଣ ଭାବେ ଉପସ୍ଥାପନ କରିଥିଲେ। ଦୀର୍ଘବର୍ଷ ହେଲା ମହାନଗର ନିଗମ ନିର୍ବାଚନ ନ ହେବା ଦ୍ୱାରା ସହରର ବିକାଶରେ ପ୍ରତିବନ୍ଧକ ସାଜୁଛି। ଏଣୁ ରାଉରକେଲାବାସୀ ଏ ନେଇ ସ୍ୱର ଉତ୍ତୋଳନ କରିବା ଜରୁରୀ ବୋଲି ଦାସ କହିଥିଲେ। ପରେ ସଙ୍ଗୀତଜ୍ଞ ବୁଦ୍ଧ ପ୍ରସାଦ ରାଓ, କଣ୍ଠଶିଳ୍ପୀ ଆଶାଲତା ଷଡଙ୍ଗୀ, ଅଭିନେତା ଭାସ୍କର ପୁହାଣ ଓ ଗୁଲସନ ନଦୀମଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମିତିର ଟ୍ରଷ୍ଟି ମନୋରଞ୍ଜନ ଦାସ ସମିତିର ଉଦ୍ଦେଶ୍ୟ ଜ୍ଞାପନ ଓ ସୁନୀଲ କୟାଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମିତି ଅଧ୍ୟକ୍ଷ ଶୈଳେନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଜାତୀୟ ସ୍କୁଲ ସନ୍ତରଣ ପାଇଁ ମୁକୁନ୍ଦ ମନୋନୀତ



ସମ୍ବଲପୁର,୨୧।୧୧(ପ୍ରମୋଦ ବହିଦାର)

ସମ୍ବଲପୁର ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲର ନବମ ଶ୍ରେଣୀର ଛାତ୍ର ମୁକୁନ୍ଦ ବେରିହା ଜାତୀୟ ସ୍କୁଲ ସନ୍ତରଣ ପ୍ରତିଯୋଗିତାରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି। ଗୁଜରାଟର ରାଜକୋଟରେ ଆଗାମୀ ୨୪ରୁ ୩୦ ମଧ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିପରି ନଭେମ୍ବର ୩୦ରୁ ଡିସେମ୍ବର ୪ ମଧ୍ୟରେ ଜମ୍ମୁ-କଶ୍ମୀରରେ ହେବାକୁ ଥିବା ୬୮ତମ ୧୭ ବର୍ଷରୁ କମ୍ ଜାତୀୟ ସ୍କୁଲ୍ ଫୁଟବଲ ପ୍ରତିଯୋଗିତାରେ ଭାଗନେବାକୁ ଏହି ସ୍କୁଲର ଦଶମ ଶ୍ରେଣୀର ଛାତ୍ର ରାହୁଲ କୁସୁମା ଓ ନବମ ଶ୍ରେଣୀ ଛାତ୍ର ଜେଙ୍ଗା ଲାକ୍ରା ମନୋନୀତ ହୋଇଛନ୍ତି। ସୂଚନାଯୋଗ୍ୟ ଯେ, ଦଶମ ଶ୍ରେଣୀର ଛାତ୍ର ସ୍ୱସ୍ତିକ ସ୍ୱରୂପ ମେହେର ମଧ ସଦ୍ୟ ସମାପ୍ତ ୬୮ ତମ ୧୭ ବର୍ଷରୁ କମ୍ ଜାତୀୟ ସ୍କୁଲ କବାଡି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯୋଗ୍ୟତା ହାସଲ କରିଥିଲେ। ସେ ନଭେମ୍ବର ୧୬ରୁ ୨୦ ମଧ୍ୟରେ ମଧ୍ୟପ୍ରଦେଶର ନରସିଂହପୁର ଅନ୍ତର୍ଗତ ଗଦରୱାର ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଜାତୀୟ ସ୍କୁଲ କବାଡି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଉକ୍ତ ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ଜାତୀୟସ୍ତରକୁ ଉନ୍ନୀତ ହୋଇ ନିଜ ପରିବାର, ବିଦ୍ୟାଳୟ ତଥା ସମ୍ବଲପୁର ଜିଲା ପାଇଁ ଗୌରବ ଆଣି ଦେଇଛନ୍ତି। ସେମାନଙ୍କର ଏହି ଉଲ୍ଲେଖନୀୟ କୃତିତ୍ୱ ପାଇଁ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଲୋକିତା ଦାଶ, ଖେଳଶିକ୍ଷକ ଜୟନ୍ତ କୁମାର ପିଙ୍ଗ ସେମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ନିର୍ମାଣ ସରିଛି, ଉପଯୋଗ ହେଉନି

ସମ୍ବଲପୁର,୨୧।୧୧(ଭବାନୀ ଶଙ୍କର ଭୋଇ)

ମହିଳା ଏବଂ ଶିଶୁ ବିକାଶ ବିଭାଗ ପକ୍ଷରୁ ସମ୍ବଲପୁର ମହାନଗରର ସିଂହପାଲିଠାରେ ଶହେ ଶଯ୍ୟାବିଶିଷ୍ଟ ସ୍ୱୟଂସିଦ୍ଧ କର୍ମଜୀବୀ ମହିଳା ହଷ୍ଟେଲ ନିର୍ମାଣ କରାଯାଇଛି। ୨୦୨୩ ଜାନୁୟାରୀରେ ଏହି ହଷ୍ଟେଲକୁ ଇଡ୍‌କୋ ଜିଲା ପ୍ରଶାସନକୁ ହସ୍ତାନ୍ତର କରିଥିଲା। ତେବେ ବିଗତ ୨୦ମାସ ଭିତରେ ଏହି ହଷ୍ଟେଲରେ ଜଣେ ବି ମହିଳା ରହିନାହାନ୍ତି। ଏହାର ପରିଚାଳନା ଭାର ଜ୍ଞାନଦୀପ ମହଳା ମହାସଂଘକୁ ଜିଲା ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଛି। ହେଲେ ମୁଖ୍ୟ ସହରଠାରୁ ଦୂରରେ ଏହି ହଷ୍ଟେଲ ନିର୍ମାଣ କରାଯାଇଥିବାରୁ ମହିଳାମାନେ ଏଠାରେ ରହିବା ପାଇଁ ଆଗ୍ରହ ପ୍ରକାଶ କରୁ ନ ଥିବା ନେଇ ଅଭିଯୋଗ ହେଉଛି। ତେବେ ଏହା ଅଇଁଠାପାଲି ଛକଠାରୁ ମାତ୍ର ଦୁଇ କିଲୋମିଟର ଦୂରରେ ରହିଥିବା ବେଳେ ପାଖରେ ଥିବା ଏକ ହଷ୍ଟେଲରେ ଆଦିବାସୀ ଛାତ୍ରମାନେ ରହି ପାଠ ପଢୁଛନ୍ତି। ତେବେ ହଜାର ହଜାର ସଂଖ୍ୟାରେ କର୍ମଜୀବୀ ମହିଳା ପରିବାରଠାରୁ ଦୂରରେ ସମ୍ବଲପୁର ସହରରେ ରହି କାମ କରୁଛନ୍ତି । ଅନେକ ସମୟରେ ସେମାନଙ୍କୁ ସୁରକ୍ଷିତ ଘର ଭଡାରେ ମିଳି ପାରି ନ ଥାଏ । ବହୁ ଘର ମାଲିକ ଏକକୀ ରହୁଥିବା

### ସ୍ୱୟଂସିଦ୍ଧ କର୍ମଜୀବୀ ମହିଳା ହଷ୍ଟେଲ



ସ୍ୱୟଂସିଦ୍ଧ କର୍ମଜୀବୀ ମହିଳା ହଷ୍ଟେଲ।

**୨୦ମାସ ପରେ ବି ଜଣେହେଲେ ଆବେଦନ କରିନାହାନ୍ତି**

କର୍ମଜୀବୀ ମହିଳାଙ୍କୁ ଭଡାରେ ଘର ଦେବାକୁ ରାଜି ହୁଅନ୍ତି ନାହିଁ। ଯାହାଦ୍ୱାରା ଅନେକ ସମୟରେ ସେମାନେ ନାନା ଅସୁବିଧାର ଶିକାର ହୋଇଥାନ୍ତି। ଏହାର ସୁବିଧା ପାଇଁ ରାଜ୍ୟ ସରକାରଙ୍କ ମହିଳା ଏବଂ ଶିଶୁ ବିକାଶ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ଶହେ ଶଯ୍ୟାବିଶିଷ୍ଟ ସ୍ୱୟଂସିଦ୍ଧ କର୍ମଜୀବୀ ମହିଳା ହଷ୍ଟେଲ ୨୦୧୯ରେ ନିର୍ମାଣ କରାଯାଇଥିଲା। ସମସ୍ତ ବ୍ୟବସ୍ଥା ସତ୍ତ୍ୱେ ସ୍ୱଳ୍ପ ଭଡାରେ ଏହି ହଷ୍ଟେଲରେ ରହିବା ପାଇଁ ମହିଳାମାନେ ଆଗ୍ରହ ପ୍ରକାଶ ନ କରିବା ଚିନ୍ତାର ବିଷୟ। ଯାହାଦ୍ୱାରା ବିରାଟ କୋଠା ଅବ୍ୟବହୃତ ହୋଇ ପଡିରହିଛି। ଏଣେତେଣେ ଘାସ ଏବଂ ଗଛ ଉଠିଯାଇଥିବା ଦେଖିବାକୁ ମିଳିଛି। ହଷ୍ଟେଲରେ କେହି ରହୁ ନ ଥିବାରୁ ହଷ୍ଟେଲରୁ ଅନେକ ଦାମୀ ଜିନିଷପତ୍ର ଚୋରି ହୋଇଗଲାଣି। ସରକାରଙ୍କ କର୍ମଜୀବୀ ମହିଳାଙ୍କ ରହିବା ପାଇଁ କରାଯାଇଥିବା ଯୋଜନା ବାଟବଣା ହୋଇଯାଇଥିବା ଭଳି ମନେ ହେଉଛି। ତେବେ ଏ ସଂକ୍ରାନ୍ତରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଝୁନୁ ସ୍ୱାଇଁଙ୍କୁ ପଚାରିବାରୁ ସେ ହଷ୍ଟେଲରେ କର୍ମଜୀବୀ ମହିଳାମାନଙ୍କୁ ରଖିବା ପାଇଁ ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିବା କହିଛନ୍ତି। ଏପରିକି ଦାୟିତ୍ୱରେ ରହିଥିବା ମହିଳା ଗୋଷ୍ଠୀ ମଧ ଲିଫଲେଟ କରି ବିଭିନ୍ନ ମହଲରେ ସଚେତନତା କରିଛନ୍ତି। ହଷ୍ଟେଲରେ ୨୦ଟି ସିଙ୍ଗଲ କୋଠରି, ୨୦ଟି ଡବଲ ଶଯ୍ୟା ଥିବା କୋଠରି ଏବଂ ୧୦ଟି ୪ ଶଯ୍ୟାବିଶିଷ୍ଟ କୋଠରି ରହିଛି। ଗୋଟିଏ ଶଯ୍ୟା ବିଶିଷ୍ଟ କୋଠରି ମାତ୍ର ୧୮ ଶହ, ଦୁଇଟି ଶଯ୍ୟା ବିଶିଷ୍ଟ କୋଠରି ୧୪ଶହ ଏବଂ ୪ଶଯ୍ୟା ବିଶିଷ୍ଟ କୋଠରିକୁ ମାସକୁ ମାତ୍ର ୧୨ଶହ ଟଙ୍କା ଭଡା ରହିଛି। ତା'ସହ ଡାଇନିଂ ରୁମ ଏବଂ କ୍ୟାଣ୍ଟିନର ବ୍ୟବସ୍ଥା ମଧ କରାଯାଇପାରିବ। ଏତିକି ସୁବିଧା ସତ୍ତ୍ୱେ କର୍ମଜୀବୀ ମହିଳାମାନେ ଏଠାରେ ରହିବା ପାଇଁ ଆବେଦନ କରୁ ନ ଥିବାରୁ ସଚେତନତାର ଅଭାବ ରହିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏଥିପାଇଁ ଜିଲା ପ୍ରଶାସନ ଗୁରୁତର ସହ ବିଚାର କରି ବିଭିନ୍ନ ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟରେ କାମ କରୁଥିବା ମହିଳାମାନଙ୍କ ପାଖକୁ ଏହାର ସୂଚନା ପହଞ୍ଚାଇବା ପାଇଁ ବ୍ୟବସ୍ଥା କରାଯିବା ଜରୁରୀ ହୋଇପଡିଛି।

## ଜିଲାସ୍କୁଲରେ ଗଜ ଉତ୍ସବ ପାଳିତ



ଜିଲାସ୍କୁଲରେ ହାତୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ସମ୍ବଲପୁର,୨୧।୧୧(ପ୍ରମୋଦ ବହିଦାର)

ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ୍‌ରେ 'ଗଜ ଉତ୍ସବ'ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଲୋକିତା ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ ସମ୍ବଲପୁର ବନାଞ୍ଚଳ ଏସିଏଫ୍ ମନୋଜ ସିକା ଓ ସମ୍ବଲପୁର ରେଞ୍ଜ ଅଧିକାରୀ ଅମିତ୍ ସାହୁ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ହାତୀମାନଙ୍କ ସୁରକ୍ଷାକୁ ତ୍ୱରାନ୍ୱିତ କରିବାକୁ ଭାରତୀୟ ବନ୍ୟଜନ୍ତୁ ଟ୍ରଷ୍ଟ ଓ ଇକୋ କ୍ଲବ ଓଡ଼ିଶା ପକ୍ଷରୁ ସଚେତନତ ଜାଗ୍ରତ ପାଇଁ ଏହି ଉତ୍ସବ ଆୟୋଜନ କରାଯାଇଛି। ଗଜ ଉତ୍ସବ ଉପଲକ୍ଷେ ସ୍କୁଲରେ ବୃତ୍ତଚିତ୍ର ପ୍ରଦର୍ଶନ ସହିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା।ଏହି ଅବସରରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ହାତୀମାନଙ୍କ ସୁରକ୍ଷାର ଆବଶ୍ୟକତା ଉପରେ ଶିକ୍ଷା ଦିଆଯାଇଥିଲା। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷକ କୁଳମଣି ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ପ୍ରତାପ କେଶରୀ ତ୍ରିପାଠୀ, ପ୍ରଶାନ୍ତ ଦାଶ, ପ୍ରଭାସିନୀ ଦାଶ, ଚିନ୍ମୟ ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ତାରିଣୀ ମନ୍ଦିର ରତ୍ନମୁଦ ଉତ୍ସବ



ମନ୍ଦିର ରତ୍ନମୁଦ ଅବସରରେ ସମବେତ ଶ୍ରଦ୍ଧାଳୁ।

ନାକଟିଦେଉଳ,୨୧।୧୧(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଗୋଗୁଆ ଗ୍ରାମରେ ନବ ନିର୍ମିତ ତାରିଣୀ ମନ୍ଦିରର ରତ୍ନମୁଦ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସକାଳୁ ଗ୍ରାମର ଶତାଧିକ ମହିଳା ନିକଟସ୍ଥ ପୋଖରୀରୁ ପାଣି ଉଠାଇ ଏକ କଳସ ଶୋଭାଯାତ୍ରାରେ ମନ୍ଦିର ନିକଟ ଯଜ୍ଞ ମଣ୍ଡପରେ ସ୍ଥାପନା କରିଥିଲେ। ଗ୍ରାମ୍ୟ କମିଟି ସଭାପତି ଲୋକେଶ୍ୱର ସାହୁ ଏବଂ ତାଙ୍କ ସ୍ତ୍ରୀ ସତ୍ୟଭାମା ସାହୁ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଆୟୋଜିତ ଯଜ୍ଞରେ ମୁଖ୍ୟ ପୂଜକ ରୁଦ୍ର ନନ୍ଦ ଓ ସହଯୋଗୀମାନେ ହୋମ କାର୍ଯ୍ୟ ସମାପନ କରିଥିଲେ। ଅପରାହ୍ନ ୨ଟାରୁ ମନ୍ଦିରର ରତ୍ନମୁଦ ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ ହୋଇଥିଲା। ଗ୍ରାମବାସୀ ତଥା ଆଖପାଖ ଅଞ୍ଚଳରୁ ଆସିଥିବା ଶ୍ରଦ୍ଧାଳୁମାନେ ନିଜ ସାମର୍ଥ୍ୟ ଅନୁସାରେ ଦାନ କରିଥିବା ବିଭିନ୍ନ ପ୍ରକାରର ଶସ୍ୟ ଏବଂ ଧାତବ ପଦାର୍ଥ ଆଦି ମନ୍ଦିର ଚୂଳିରେ ଦିଆଯାଇ ମୁଦ ମରାଯାଇଥିଲା। ଏହି ଅବସରରେ ୭ଟି ନାମ ସଂକୀର୍ତ୍ତନ୍ୟ ଦଳ ଯୋଗଦେଇ ନାମ ପରିବେଷଣ କରିଥିଲେ। ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ନାକଟିଦେଉଳ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସୁଦର୍ଶନ ସାହୁ, ରେଢ଼ାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ବରିଷ୍ଠ ଭାଜପା ନେତା ପ୍ରମୋଦ କୁମାର ରଥ ଯଜ୍ଞମଣ୍ଡପ ଦର୍ଶନ କରିଥିଲେ। ଏହି ଉତ୍ସବରେ ଆଖପାଖ ଗ୍ରାମର ସହସ୍ରାଧିକ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ସମାଗମ ହୋଇଥିଲା।

## ଉତ୍ତମମାନର ଧାନ ଆଣ, ନିର୍ଦ୍ଧାରିତ ମୂଲ୍ୟ ନିଅ



ଶିବିରରେ ଉପଜିଲାପାଳ ଗୌରବମୟ ପ୍ରଧାନ ଓ ଅନ୍ୟମାନେ।

କୁଚିଣ୍ଡା,୨୧।୧୧(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡରେ ଆସନ୍ତା ୨୭ତାରିଖରୁ ଧାନକ୍ରୟ କରିବାକୁ ସରକାରୀ ଭାବେ ତାରିଖ ଧାର୍ଯ୍ୟ ହୋଇଛି। ସେଥି ନିମନ୍ତେ କୁଚିଣ୍ଡା ଆର୍‌ଏମ୍‌ସି ପକ୍ଷରୁ ଗୁରୁବାର ବାମରା ଉପବଜାର ପ୍ରାଙ୍ଗଣରେ ବ୍ଲକସ୍ତରୀୟ ଧାନକ୍ରୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଆର୍‌ଏମ୍‌ସି ଅଧ୍ୟକ୍ଷ ତଥା କୁଚିଣ୍ଡା ଉପଜିଲାପାଳ ଗୌରବମୟ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଶିବିର ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, ଆର୍‌ଏମ୍‌ସି ସମ୍ପାଦକ କିଶୋର କୁମାର ନାଏକ, ସମ୍ବଲପୁର ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ବୀରେନ୍ଦ୍ର ସୋରେଙ୍ଗ, କୁଚିଣ୍ଡା ସମବାୟ ବିଭାଗ ସହକାରୀ ନିବନ୍ଧକ ପ୍ରଦୀପ ପ୍ରଧାନ, କୁଚିଣ୍ଡା ଉପଖଣ୍ଡ ଯୋଗାଣ ଅଧିକାରୀ ରାଜକିଶୋର ସ୍ୱାଇଁ, ବାମରା ତହସିଲଦାର ଦିଲୀପ ପ୍ରଧାନ, ବିଡିଓ ପୁଷ୍ପକ ପ୍ରଧାନ, ଅତିରିକ୍ତ ବିଡିଓ ସୁଜୟ ପଣ୍ଡା, କୁଚିଣ୍ଡା ଯୋଗାଣ ଅଧିକାରୀ ପ୍ରସନ୍ନ ଦେହୁରୀ, ବାମରା ଯୋଗାଣ ଅଧିକାରୀ ସୁମିତ୍ରା ଓରାମ ଯୋଗଦେଇ ମଣ୍ଡିରେ କିଭଳି ଧାନକ୍ରୟ ବ୍ୟବସ୍ଥିତ ଢଙ୍ଗରେ ହେବ ସେନେଇ ଆଲୋଚନା କରିଥିଲେ। ଏଥିରେ ଧାନର ଗୁଣାତ୍ମକ ମାନ ନିର୍ଦ୍ଧାରଣ,ଏଫଏକ୍ୟୁମାନର ଧାନ ଦେଇ ଚାଷୀ କିଭଳି ନୂତନ ନିର୍ଦ୍ଧାରିତ ମୂଲ୍ୟ ପାଇପାରିବେ ସେ ସମ୍ପର୍କରେ ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ।

**ବ୍ଲକସ୍ତରୀୟ ଧାନକ୍ରୟ ତାଲିମ ଶିବିର**

ବିଗତ ବର୍ଷରେ ମଣ୍ଡିମାନଙ୍କରେ ହୋଇଥିବା ଅନିୟମିତତା ସମ୍ପର୍କରେ ଅଧିକାରୀଙ୍କୁ ଚାଷୀମାନେ ବିଭିନ୍ନ ପ୍ରଶ୍ନ କରିଥିଲେ। ମଣ୍ଡି ପରିଚାଳନାରେ ଯେପରି ଅବ୍ୟବସ୍ଥାର ପୁନରାବୃତ୍ତି ନ ହେବ ସେଦିଗରେ ପ୍ରଶାସନ ଉଚିତ ପଦକ୍ଷେପ ନେବାକୁ ଦାବି ଜଣାଇଥିଲେ। ପରେ ଆର୍‌ଏମ୍‌ସି ପକ୍ଷରୁ କ୍ରୟକାରୀ ସଂସ୍ଥାମାନଙ୍କୁ ଏଫଏକ୍ୟୁମାନ ପରୀକ୍ଷଣ ତାଲିମ ପ୍ରଦାନ କରାଯାଇଥିଲା। ଶିବିରରେ ବାମରା ଲ୍ୟାମ୍ପ୍ସ ଏମଡି ପ୍ରଦୀପ ଭଇଁଷା, କେଶାଇବାହାଲ ଲ୍ୟାମ୍ପ୍ସ ଏମ୍‌ଡି ସନ୍ଦୀପ ନାୟକ, ଗଡପୋଷ ଲ୍ୟାମ୍ପ୍ସ ଏମ୍‌ଡି ବାବୁଲାଲ ସେଠୀ, ସଗରା ଇନ୍ଦିରାଗାନ୍ଧୀ ଏସ୍‌ଏଚ୍‌ଜି ଓ ପିଣ୍ଡାପଥର ରାଧାକୃଷ୍ଣ ଏସ୍‌ଏଚ୍‌ଜି କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ପଞ୍ଚାୟତର ଇଓ, ରାଜସ୍ୱ ନିରୀକ୍ଷକ, ଗ୍ରାମ୍ୟ କୃଷି କର୍ମଚାରୀ, ଚାଷୀନେତା ଯୋଗବିହାରୀ ପରିଡା, ଆଲୋକ ନାୟକ, ଦୁର୍ଗାପ୍ରସାଦ ମିଶ୍ର, ଦିଲୀପ ଛତ୍ରିଆ, ରାଜକୁମାର ନାୟକ, ହୀରେନ ପାତ୍ର, ଉଚ୍ଚକାପାଟ ସମିତି ସଭ୍ୟା ସୌଦାମିନୀ ନାୟକଙ୍କ ସମେତ ବିଭିନ୍ନ ପଞ୍ଚାୟତର ଅଗ୍ରଣୀ ଚାଷୀ ଯୋଗଦେଇଥିଲେ। ଆରଏମସି ସୁପରଭାଇଜର ଅନୀଲ କୁମାର ପୁରୋହିତ ଶିବିର ପରିଚାଳନା କରିଥିଲେ। ବାମରା ବ୍ଲକର ୧୫ଟି ମଣ୍ଡିରେ ଧାନକ୍ରୟ ପାଇଁ ପ୍ରଶାସନ ପକ୍ଷରୁ ସ୍ଥିରୀକୃତ ହୋଇଛି।

## ସାରସ୍ୱତ ଡିଗ୍ରୀ କଲେଜରେ ବିକଶିତ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର,୨୧।୧୧(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ ଗୋଡଭଗା ସାରସ୍ୱତ ଡିଗ୍ରୀ ମହାବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ବିକଶିତ ଓଡ଼ିଶା-୨୦୩୬ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରତିମା ପାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ଅଧ୍ୟାପକ ଦେବବ୍ରତ ପ୍ରଧାନ। ଅଧ୍ୟକ୍ଷା ପ୍ରତିମା ପାଲ ତାଙ୍କ ଅଭିଭାଷଣରେ ବିକଶିତ ଭାରତ ପାଇଁ ଓଡ଼ିଶାର ଭୂମିକା ଉପରେ କହିଥିଲେ। ଏନେଇ ସେ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ସହଭାଗିତା ଆହ୍ୱାନ ଦେଇଥିଲେ। ଅଧ୍ୟାପକ କୁଶଲେଶ୍ୱର ବହିଆ, ଅଧ୍ୟାପିକା ମମତାମୟୀ ପ୍ରଧାନ ମଞ୍ଚାସୀନ ଥିଲେ। ଅଧ୍ୟାପିକା ଦିପ୍ତିମୟୀ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ରାକେଶ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନ୍ତର୍ଜାତୀୟ ଶିଶୁ ଅଧିକାର ଦିବସ ପାଳିତ

ସମ୍ବଲପୁର,୨୧।୧୧(ପ୍ରମୋଦ ବହିଦାର)

ବୁର୍ଲା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଆନ୍ତର୍ଜାତୀୟ ଶିଶୁ ଅଧିକାର ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ବାବୁଙ୍କ ଅଧ୍ୟକ୍ଷତାରେ ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଓ ସଙ୍କଳ୍ପ ପାଠ ହୋଇଥିଲା। ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ପ୍ରଶାନ୍ତ ପାଢ଼ୀ ଶିଶୁ ଅଧିକାର, ବାଲ୍ୟ ବିବାହ, କିଶୋର ନ୍ୟାୟ ଆଇନ୍ ଉପରେ ଆଲୋକପାତ କରିଥିଲେ। ଅତିଥିଭାବେ ଟାଟା ପାୱାର ମାନବ ସମ୍ବଳ ପ୍ରବନ୍ଧକ କିରଣମୟ ପରିଡ଼ା ଶିଶୁ ସୁରକ୍ଷା, ସଚେତନତା ଉପରେ କହିଥିଲେ। ସମାଜକୁ ସମ୍ପୂର୍ଣ୍ଣ ବାଲ୍ୟ ବିବାହମୁକ୍ତ କରିବାକୁ ଉପସ୍ଥିତ ଛାତ୍ରୀ, ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚରୀ ସାମୂହିକ ଶପଥ ପାଠ କରିଥିଲେ।

## ଆଦିତ୍ୟ ବିର୍ଲା ପକ୍ଷରୁ ସାର୍ଟିଫିକେଟ୍ ବଣ୍ଟନ କାର୍ଯ୍ୟକ୍ରମ

ସମ୍ବଲପୁର,୨୧।୧୧(ବି.ଶଙ୍କର)

ଆଦିତ୍ୟ ବିର୍ଲା ପକ୍ଷରୁ ସାର୍ଟିଫିକେଟ୍ ବଣ୍ଟନ କାର୍ଯ୍ୟକ୍ରମ ସମ୍ବଲପୁର ଜିଲା କତରବଗା ଗ୍ରାମ ପଞ୍ଚାୟତର ଲାଓମାଲ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ୪୦ଦିନିଆ ବାଉଁଶ ହସ୍ତଶିଳ୍ପ ତାଲିମ ନେଇଥିବା ୩୦ ଜଣ ବାଳିକା ଏବଂ ମହିଳାଙ୍କୁ ସିଏସଆର ଏବଂ ଆରଆଣ୍ଡଆର ଡେପୁଟି ମ୍ୟାନେଜର ମନୋରଞ୍ଜନ ବେହେରା ସାର୍ଟିଫିକେଟ୍ ବଣ୍ଟନ କରିଥିଲେ। ବ୍ୟକ୍ତିଗତ ପ୍ରଶିକ୍ଷକ ଏବଂ ଦଳ ଦ୍ୱାରା କରାଯାଇଥିବା ପ୍ରୟାସ ଦ୍ୱାରା ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଶିକ୍ଷା ଏବଂ ତାଲିମ କାର୍ଯ୍ୟକ୍ରମ ପାଇ ପ୍ରଶିକ୍ଷାର୍ଥୀମାନେ ସେମାନଙ୍କ ଜୀବିକା ନିର୍ବାହ ପାଇଁ ସୁଯୋଗ ପାଇବା ଲକ୍ଷ୍ୟ ରହିଛି ।



ଅତିଥିଙ୍କ ଗହଣରେ ତାଲିମାର୍ଥୀ ଓ ସେମାନଙ୍କ ବାଉଁଶ ତିଆରି ସାମଗ୍ରୀ।

## ଉପଜିଲାପାଳଙ୍କୁ ବଣିକ ସଂଘର ଦାବିପତ୍ର

ରେଢାଖୋଲ,୨୧।୧୧(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ସହରର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରୁ ନିୟମିତ ଭାବେ ଚୋରି ହେଉଛି। ହେଲେ ପୋଲିସର ନିଷ୍କ୍ରିୟତା ଯୋଗୁ ଚୋର ଧରାପଡୁନାହାନ୍ତି। ଫଳରେ ବ୍ୟବସାୟୀମାନେ ବହୁ କ୍ଷତିର ସମ୍ମୁଖୀନ ହେଉଛନ୍ତି। ରେଢାଖୋଲ ବଣିକ ସଂଘ ପକ୍ଷରୁ ଏଭଳି ଅଭିଯୋଗ କରାଯାଇ ଗୁରୁବାର ଉପଜିଲାପାଳ ରଶ୍ମିରଞ୍ଜନ ମହାନ୍ତଙ୍କୁ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଅଭିଯୋଗ କରାଯାଇଛି ଯେ, ଗତ ୨ବର୍ଷରେ ସହରର ପ୍ରଧାନ ମୋଟର୍ସ ଦୋକାନ, ଖୁସି ମୋବାଇଲ ଦୋକାନରୁ ୫ ଥର ଚୋରି ହୋଇଛି। ୧ ମାସ ମଧ୍ୟରେ ରଥସାହି ଦାଶ କିରାନା ଷ୍ଟୋରରୁ ୨ ଥର ଚୋରି ହୋଇଛି। ସେହିପରି ସାପ୍ତାହିକ ହାଟରୁ ମୋବାଇଲ, ବାଇକ ବିଭିନ୍ନ ସମୟରେ ଚୋରି ହେଉଛି। ଏଥିସହିତ ଜାତୀୟ ରାଜପଥରେ ମଧ୍ୟ ଲୁଟେରାମାନେ ଲୁଟ୍‌ପାଟ୍ କରୁଛନ୍ତି। ତେବେ ପୋଲିସ କେବଳ ମାମଲା ରୁଜୁ କରି ଚୁପ୍ ହୋଇ ବସୁଛି। ତେଣୁ ଆସନ୍ତା ୭ ଦିନ ମଧ୍ୟରେ ଚୋରି ଘଟଣାଗୁଡିକର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ବଣିକ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବା ସହ ପ୍ରତୀକାତ୍ମକଭାବେ ୧୨ଘଣ୍ଟିଆ ଦୋକାନ ବଜାର ବନ୍ଦ କରି ପ୍ରତିବାଦ କରାଯିବ ବୋଲି ଚେତାବନୀ ଦିଆଯାଇଛି। ବଣିକ ସଂଘର ବିକାଶ ଦାଶ, ବଶିଷ୍ଠ ବିଶ୍ୱାଳ, ବିଦ୍ୟାଧର ସାହୁ, ପଦ୍ମନାଭ ମହାପାତ୍ର, ବିକାଶ ସାହୁ, ସୁବ୍ରତ ସାହୁ, ଅସୀମ ପ୍ରଧାନ, ପ୍ରଦୀପ ଖିଲାରୀ, ସୁଜିତ ପଣ୍ଡାଙ୍କ ସମେତ ବହୁ ବ୍ୟବସାୟୀ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।



ବଣିକ ସଂଘ କର୍ମକର୍ତ୍ତା ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**ପୋଲିସ ନିଷ୍କ୍ରିୟତାରୁ ରେଢାଖୋଲ ସହରରେ ବୃଦ୍ଧି ପାଉଛି ଚୋରି**

# ଆଜିଠାରୁ ସମ୍ବଲପୁରରେ ଧାନ ସଂଗ୍ରହ

ସମ୍ବଲପୁର,୨୧।୧୧(ପ୍ରମୋଦ ବହିଦାର)

- ପ୍ରଥମ ପର୍ଯ୍ୟାୟରେ ୫୫ କେନ୍ଦ୍ରରେ ଧାନକ୍ରୟ
- ଟୋକନ ଅବଧି ୭ଦିନ ବୃଦ୍ଧି ପାଇଁ ଜିଲାପାଳଙ୍କୁ କ୍ଷମତା

ସମ୍ବଲପୁର ଜିଲାରେ ଶୁକ୍ରବାରଠାରୁ ଆରମ୍ଭ ହେବ ଚଳିତ ଖରିଫ ପ୍ରଥମ ପର୍ଯ୍ୟାୟ ଧାନ ସଂଗ୍ରହ ପ୍ରକ୍ରିୟା। ଜିଲାର ତିନୋଟି ଉପଖଣ୍ଡ ମଧ୍ୟରୁ ପ୍ରଥମେ ସମ୍ବଲପୁର ଉପଖଣ୍ଡରେ ନଭେମ୍ବର ୨୨, କୁଚିଣ୍ଡା ଓ ରେଢ଼ାଖୋଲ ଉପଖଣ୍ଡରେ ଆସନ୍ତା ୨୭ ତାରିଖରୁ ଧାନ ସଂଗ୍ରହ ଆରମ୍ଭ ହେବ। ସମ୍ବଲପୁର ଉପଖଣ୍ଡରେ ୨୫ ପ୍ରାଥମିକ କୃଷି ସମବାୟ ସମିତ ଓ ୬ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମିଶି ମୋଟ ୩୧ଟି ସଂସ୍ଥା ଧନକଉଡ଼ା, ରେଙ୍ଗାଲି, ମାନେଶ୍ୱର ଓ ଯୁଯୋମୁରା ଆଦି ବ୍ଲକର ସ୍ଥାୟୀ ଓ ଅସ୍ଥାୟୀ ମିଶି ମୋଟ ୫୫ଟି କ୍ରୟ କେନ୍ଦ୍ରରେ ଚାଷୀଙ୍କଠାରୁ ଧାନ ସଂଗ୍ରହ କରିବେ। ତେବେ ଧାନ ସଂଗ୍ରହ କେନ୍ଦ୍ରରେ ଅନିୟମିତାକୁ ରୋକିବା ପାଇଁ ଚଳିତ ବର୍ଷ ପ୍ରଥମ ଥର ପାଇଁ ମଣ୍ଡିର ତତ୍ତ୍ୱବେଧାନ ପାଇଁ ଜିଲାରେ ୧୨୩ ଜଣ ନୋଡାଲ ଅଧିକାରୀ ଓ ୨୬ ଜଣ ସୁପରଭାଇଜରଙ୍କୁ ନିଯୁକ୍ତ କରାଯାଇଛି। ଚାଷୀଙ୍କୁ କୁଇଣ୍ଟାଲ ପ୍ରତି ଅତିରିକ୍ତ ୮ ଶହ ଟଙ୍କା ମଧ ପ୍ରଦାନ କରାଯିବ। ଫଳରେ ଚାଷୀ ପ୍ରତିକୁଇଣ୍ଟାଲ ଧାନ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ୨୩ ଶହ ଟଙ୍କା ସହ ମୋଟ ୩୧ ଶହ ଟଙ୍କା ପାଇବେ।

ସମ୍ବଲପୁର ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ କହିଛନ୍ତି, ଚଳିତ ବର୍ଷ ମଧ ଖରିଫରେ ଜିଲାରୁ ୩୦ ଲକ୍ଷ ୬୮ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ପ୍ରତ୍ୟେକ ସଂଗ୍ରହ କେନ୍ଦ୍ରରେ ଧାନର ମାନ ପରୀକ୍ଷଣ ପାଇଁ ସ୍ୱୟଂକ୍ରିୟ ମାନ ପରୀକ୍ଷଣ ଯନ୍ତ୍ର(ଅଟୋମେଟିକ ଗ୍ରେନ ଆନାଲାଇଜର) ଲଗାଯିବ। ଅନ୍ୟ କେନ୍ଦ୍ରରେ ସାଧାରଣ ଆର୍ଦ୍ରତା ନିରୂପଣ ଯନ୍ତ୍ର ଦ୍ୱାରା ଧାନର ମାନ ପରୀକ୍ଷଣ କରାଯିବ। ଚଳିତ ବର୍ଷ ଧାନ ବିକ୍ରୟ ପାଇଁ ଜିଲାରେ ମୋଟ ୫୯ ହଜାର ୮୧୮ ଚାଷୀ ପଞ୍ଜିକୃତ ହୋଇଛନ୍ତି। ଧାନ ସଂଗ୍ରହ ପାଇଁ ବିଭିନ୍ନ କ୍ରୟ କେନ୍ଦ୍ରରେ ଆବଶ୍ୟକ ଭିତ୍ତିଭୂମିର ବ୍ୟବସ୍ଥ କରିବାକୁ ଜିଲାର ତିନୋଟି ଯାକ ଆର୍‌ଏମ୍‌ସିକୁ ନିର୍ଦ୍ଦେଶ ଦିଆଯାଇଛି। ସେ ଆହୁରି କହିଛନ୍ତି ଚଳିତ ଋତୁରେ ଧାନ ସଂଗ୍ରହର ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଯେ, ଧାନ ବିକ୍ରୟ ପାଇଁ ପଞ୍ଜିକୃତ ଚାଷୀଙ୍କୁ ମିଳୁଥିବା ଟୋକର ଅବଧି ୩୦ଦିନ ରହିଥାଏ। ମାତ୍ର ଚଳିତ ଋତୁରେ ଚାଷୀଙ୍କ ସୁବିଧା ଦୃଷ୍ଟିରୁ ଜିଲାପାଳଙ୍କୁ ଟୋକନ ଅବଧିକୁ ଅତିରିକ୍ତ ୭ଦିନ ବୃଦ୍ଧି କରିବା କ୍ଷମତା ଦିଆଯାଇଛି। ଏହାଦ୍ୱାରା କୌଣସି କାରଣବଶତଃ ଅମଳ କରି ପାରି ନ ଥିବା ବା ମଣ୍ଡିକୁ ଯାଇ ପାରୁ ନ ଥିବା ଚାଷୀ ବିଶେଷ ଉପକୃତ ହୋଇ ପାରିବେ ବୋଲି କହିଛନ୍ତି ମୁଖ୍ୟ ଯୋଗାଣ ଅଧିକାରୀ ଟୁଡୁ।



ଧାନ ସଂଗ୍ରହ ପାଇଁ ମଣ୍ଡିରେ ରଖାଯାଇଥିବା ଓଜନ ମେଶିନ।

## ସଂକ୍ଷେପରେ

### ଗନ୍ଧମାର୍ଦ୍ଦନର ସୁରକ୍ଷା ପାଇଁ ଏକଜୁଟ ହେବାର ସମୟ ଆସିଛି

କଣ୍ଟାବାଞ୍ଜି, ୨୧।୧୧ (ଗୁରୁ ଦୟାଳ ହଂସ)

ବଲାଙ୍ଗୀର ଜିଲାର ଐତିହାସିକ ଗନ୍ଧମାର୍ଦ୍ଦନ ପାହାଡର ସୁରକ୍ଷା ନେଇ ଗୁରୁବାର ଦିନ ସ୍ଥାନୀୟ ଡାକବଙ୍ଗଳାରେ ରାଜ୍ୟ ଯୁବ ବିଜେଡି ସମ୍ପାଦକ ତଥା ବଙ୍ଗୋମୁଣ୍ଡା ସରପଞ୍ଚ ଅଜିତ ଯୋଷୀ ଏକ ଖବରଦାତା ସମ୍ମିଳନୀ କରିଛନ୍ତି । ଏହି ଅବସରରେ ସେ ଗନ୍ଧମାର୍ଦ୍ଦନ ପାହାଡର ସୁରକ୍ଷା ପାଇଁ ଦରକାର ପଡିଲେ ପଶ୍ଚିମ ଓଡିଶାବାସୀ ଜୀବନ ଦେବାକୁ ବାଧ ହେବୁ ବୋଲି କହିଛନ୍ତି । ପଶ୍ଚିମ ଓଡିଶାର ସମସ୍ତ ଏମ୍‌ପି, ବିଧାୟକ, ପୂର୍ବତନ ଏମ୍‌ପି, ବିଧାୟକ, ଲୋକ ପ୍ରତିନିଧି ଓ ଜନସାଧାରଣଏକଜୁଟ ହୋଇ ଅଞ୍ଚଳର ସ୍ୱାର୍ଥ ପାଇଁ ଆଗେଇ ଆସିବାକୁ ଆହ୍ୱାନ କରିଛନ୍ତି । ଏପରି କି ଉପମୁଖ୍ୟମନ୍ତ୍ରୀ ସ୍ୱର ଉତ୍ତୋଳନ କରିବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି । ବର୍ତ୍ତମାନ ଏକଜୁଟ ହେବାର ସମୟ ଆସଛି, ନଚେତ ଗନ୍ଧମାର୍ଦ୍ଦନ ପାହାଡକୁ ଆଗାମୀ ଦିନରେ ବଡ ବଡ କମ୍ପାନୀ ଧ୍ୱଂସ କରିଦେବେ ବୋଲି ସେ ନିଜର ପ୍ରତିକ୍ରିୟାରେ କହିଛନ୍ତି ।

### ଟିଟିଲାଗଡ଼ କ୍ରୀଡ଼ା ସଂସଦର ସାଧାରଣ ପରିଷଦ ବୈଠକ

ଟିଟିଲାଗଡ, ୨୧।୧୧ (ଶରତ ମିଶ୍ର)

ଟିଟିଲାଗଡ କ୍ରୀଡ଼ା ସଂସଦର ସାଧାରଣ ପରିଷଦ ବୈଠକ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପରିଷଦର ବରିଷ୍ଠ ସଦସ୍ୟ ତଥା କାର୍ଯ୍ୟକାରୀ ସଭାପତି ଗୋପାଲ କ୍ରୀଷ୍ଣା ଚାନ୍ଦ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଂସଦର ଦିବଙ୍ଗତ ସଭ୍ୟଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରଯାଇଥିଲା । ବୈଠକରେ ଟିଟିଲାଗଡର ମିନି ଷ୍ଟାଡିୟମରେ ସ୍ମାର୍ଟ ପାର୍କ ନିର୍ମାଣକୁ ବିରୋଧ କରାଯାଇଥିଲା । ଏ ସଂକ୍ରାନ୍ତରେ ଜିଲାପାଳଙ୍କୁ ସାକ୍ଷାତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ରାଧାକାନ୍ତ ପାଢ଼ୀ, ପଦ୍ମନାଭ ବେହେରା, ରାମନାଥ ଖମାରୀ, ଜନାର୍ଦ୍ଦନ ହୋତା, ଆନନ୍ଦ ପାଣ୍ଡେ, ଶୁଭ୍ରାଂଶୁ ଦାସ, ହରିଶଙ୍କର ଥାପା, କାଳୀ ପ୍ରସାଦ ମୁଖାର୍ଜୀ, ସନ୍ତୋଷ ପ୍ରଧାନ, ଘିନୁ ଆଡୟୁଆଡ, ହେମନ୍ତ ବେହେରା, ବରୁଣ ରତେଇ, ଦେବବ୍ରତ ମିଶ୍ର, ହରିଶ ରାଏଥାଠା, ଧବଳେଶ୍ୱର ଦଳବେହେରା, ଦୀପକ ସମାଦର୍ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ସଂସଦର କର୍ମକର୍ତ୍ତା ମନୋନୀତ କରାଯାଇଥିଲା । କାର୍ଯ୍ୟକାରୀ ସଭାପତି ଭାବରେ ରାଧାକାନ୍ତ ପାଢ଼ୀ, ଉପସଭାପତି ସନ୍ତୋଷ ପ୍ରଧାନ, ସାଧାରଣ ସମ୍ପାଦକ ଶୁଭ୍ରାଂଶୁ ଦାସ, ଯୁଗ୍ମ ସମ୍ପାଦକ ଭାବେ ପଦ୍ମନାଭ ବେହେରା, ମୋହନ ଆଡଜୁଆଡ, କାଳୀ ପ୍ରସାଦ ମୁଖାର୍ଜୀ, ଦନାରଦନ ହୋତା, କୋଷାଧ୍ୟକ୍ଷ ଭାବେ ରମାନାଥ ଖମାରୀ ମନୋନୀତ ହୋଇଥିଲେ । ଏହାଛଡା କାର୍ଯ୍ୟକାରୀ ସଦସ୍ୟ ଭାବେ ହରିଶ ରାଏ ଥଟା, ଧବଳେଶ୍ୱର ଦଳବେହେରା, ଆନନ୍ଦ ପାଣ୍ଡେ, ଦେବବ୍ରତ ମିଶ୍ର, ଶରତ ମିଶ୍ର ଓ ହେମନ୍ତ କୁମାର ବେହେରାଙ୍କୁ ସର୍ବ ସମ୍ମତିକ୍ରମେ ମନୋନୀତ କରାଯାଇଥିଲା

# ୧୨ ଗ୍ରାମର ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ

**ଖପ୍ରାଖୋଲ ବ୍ଲକ**

**■ଗ୍ରାମୋଦୟ ଯୋଜନା କାର୍ଯ୍ୟକାରୀ ପାଇଁ ପ୍ରସ୍ତୁତି ବୈଠକ**

ଖପ୍ରାଖୋଲ, ୨୧।୧୧ (ଅଭୟ ତ୍ରିପାଠୀ)



ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ବୈଠକରେ ପ୍ରଶାସନିକ ଅଧିକାରୀ ।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସ୍ଥାନୀୟ ପଞ୍ଚାୟତ ସମିତି ସଭାଗୃହଠାରେ ସରକାରଙ୍କ ଗ୍ରାମୋଦୟ ଯୋଜନା କାର୍ଯ୍ୟକାରୀ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି । ବିଡିଓ ବିବେକାନନ୍ଦ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଓରମାସ ଜଏଣ୍ଟ ସିଇଓ କମଳେନ୍ଦୁ ପଲ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ବ୍ଲକ ଉପାଧ୍ୟକ୍ଷ ସୁଖିରାମ ସାଣ୍ଡ, ପାଟଣାଗଡ଼ ବିଧାୟକ ତଥା ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମକୁମାର ସିଂ ବରିହା, ଏମ୍‌ପିଙ୍କ ପ୍ରତିନିଧି ସନ୍ତୋଷ ଭଇସାଲ ପ୍ରମୁଖ ଯୋଗ ଦେଇଥିଲେ । ବୈଠକରେ ବ୍ଲକ ର ୫ଟି ପଞ୍ଚାୟତର ୧୨ଟି ଗ୍ରାମର ସମ୍ପୂର୍ଣ୍ଣ ବିକାଶ ପାଇଁ ଗ୍ରମୋଦୟ ଯୋଜନା କାର୍ଯ୍ୟକାରୀ ଉପରେ ଆଲୋଚନା ହୋଇଥିଲା । ବ୍ଲକର ଭାନପୁର ପଞ୍ଚାୟତର ୨ଗ୍ରାମ ବ୍ରାହ୍ମଣୀ, ବୁରୋମାଲ, ତେଲେନପାଲି ପଞ୍ଚାୟତର ୨ଟି ଗ୍ରାମ ଯମୁନାପାଲି, ସାପମୁଣ୍ଡ, ନାନ୍ଦୁପଲା ପଞ୍ଚାୟତର ୩ଟି ଗ୍ରାମ ନୂଆପାଳି, କନ୍ଦରାଭଟା, ମହୁଲପାଳି, ରେଙ୍ଗାଲି ପଞ୍ଚାୟତର ୪ ଟି ଗ୍ରାମ ରେଙ୍ଗାଲି, ଖୁରିପାଣି, ଆମ୍ବବାହାଲି, ବର୍ତ୍ତିଆ ଓ ଟଙ୍କପାଣି ପଞ୍ଚାୟତର ଗୋଟିଏ ଗ୍ରାମ ସୁନାମୁଦିକୁ ଗ୍ରାମୋଦୟ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିବା ଜଣାଯାଇଛି । ୧୨ଟି ଗ୍ରାମର ସମସ୍ତ ପରିବାରବର୍ଗଙ୍କ ସବିଶେଷ ତଥ୍ୟ ସର୍ଭେ ପରେ ସ୍ୱାସ୍ଥ୍ୟ, ଶିକ୍ଷା, ପିଇବା ପାଣି, ଗ୍ରାମୀଣ ଆବାସ, ରାସ୍ତା, କୃଷି, ବିଦ୍ୟୁତୀକରଣ ଓ ସାମାଜିକ ଦିଗରେ ସର୍ବାଙ୍ଗୀନ ବିକାଶ କରିବା ନିମନ୍ତେ ସରକାର ପଦକ୍ଷେପ ନେବା ନେଇ ଆଲୋଚନା ହୋଇଥିଲା । ବୈଠକରେ ବ୍ଲକସ୍ତରୀୟ ସମସ୍ତ ଅଧିକାରୀ ଯୋଗ ଦେଇଥିଲେ । ସେହିପରି ରେଙ୍ଗାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ଉମାକାନ୍ତ ମେହେରଙ୍କ ଅଧ୍ୟକ୍ଷତାରେ ଗ୍ରାମୋଦୟ ଯୋଜନା ପାଇଁ ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ କୁମାର ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ବିଡିଓ ବିବେକାନନ୍ଦ ଷଡଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ଯୋଗ ଦେଇଥିଲେ ।

# ଜିଲା ବରିଷ୍ଠ ନାଗରିକ ସଂଘର ନୂଆଁଖାଇ ଭେଟ୍

ବଲାଙ୍ଗୀର, ୨୧।୧୧ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ଉପକଣ୍ଠ ଖୁଜେନପାଲିସ୍ଥିତ ଶିବମନ୍ଦିର ପ୍ରାଙ୍ଗଣରେ ଜିଲା ବରିଷ୍ଠ ନାଗରିକ ସଂଘ ସଭାପତି ଡ. ଘାସିରାମ ମିଶ୍ରଙ୍କ ତତ୍ତ୍ୱାବଧାନରେ ବୁଧବାର ନୂଆଁଖାଇ ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ସଂଘ ମୁଖ୍ୟ ଉପଦେଷ୍ଟା ବିକ୍ରମାନନ୍ଦ ବହିଦାର ଶୁଭାରମ୍ଭ କରିଥିଲେ । ସଂଘ ସମ୍ପାଦକ ବସନ୍ତ ଆଚାର୍ଯ୍ୟ ଉତ୍ସବ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ । ସଂଘ ଉପଦେଷ୍ଟା ସୁବାସ ଚନ୍ଦ୍ର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ । ମୁଖ୍ୟ ଉପଦେଷ୍ଟା ବହିଦାର ତାଙ୍କ ଅଭିଭାଷଣରେ ବରିଷ୍ଠ ନାଗରିକଙ୍କୁ ନୂଆଖାଇ ଭେଟ ଶୁଭେଚ୍ଛା ଜଣାଇଥିଲେ । ମୁଖ୍ୟଅତଥି ଅମିୟ ନାଗ, ମୁଖ୍ୟବକ୍ତା ଜଗଦାନନ୍ଦ ଛୁରିଆ ଏବଂ ସମ୍ମାନିତ ଅତିଥି ଭାବେ ସାହାଜବାହାଲ ଡିଗ୍ରୀ କଲେଜ ଅଧ୍ୟକ୍ଷ କବିରାଜ ଭୋଇ ବକ୍ତବ୍ୟ ରଖିଥିଲେ । ମୁଖ୍ୟବକ୍ତା ନୂଆଁଖାଇ ପାଳନର ଉଦ୍ଦେଶ୍ୟ ଏବଂ ଏହାର ସାଂସ୍କୃତିକ ଆବେଦନ ସମ୍ପର୍କରେ କହିଥିଲେ । ସମ୍ମାନିତ ଅତିଥି ଏହା ଏକ ଭାଇଚାରାର ପର୍ବ ବୋଲି କହିଥିଲେ । ମୁଖ୍ୟଅତିଥି ନାଗ ତାଙ୍କ ଭାଷଣରେ ବରିଷ୍ଠ ନାଗରିକଙ୍କ ସୁରକ୍ଷା ଉପରେ କହିଥିଲେ । କାର୍ଯ୍ୟକ୍ରମରେ ଶିବ ଶଙ୍କର ଖୁଆସ, ହରେକୃଷ୍ଣ ମେହେର ଓ ଅନ୍ୟମାନେ ସହଯୋଗ କରିଥିଲେ ।


ବରିଷ୍ଠ ନାଗରିକ ସଂଘର ନୂଆଖାଇ ଭେଟ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟ ସଦସ୍ୟ ।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର


ଶିବିରରେ ମଞ୍ଚାସୀନ ଅତିଥି ।

ମୁରିବାହାଲ, ୨୧।୧୧ (ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ବୁଧବାର ଦିନ ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁରିବାହାଲ ବ୍ଲକର ୨୨ ଗୋଟି ଗ୍ରାମ ପଞ୍ଚାୟତରେ ଆଗାମୀ ଦିନରେ ୧ ହଜାର ଜଣ ଭିନ୍ନକ୍ଷମଙ୍କୁ ସରକାରୀ ଯୋଜନା ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଜଣାଯାଇଛି । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ମୁରିବାହାଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାସନ୍ତୀ ସେଟ ଅଧ୍ୟକ୍ଷତା କରିଥିଲେ । ମୁରିବାହାଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ହରିବନ୍ଧୁ ମେହେର ମୁଖ୍ୟଅତିଥି ଭାବରେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିବା ସହ ଭିନ୍ନକ୍ଷମମାନେ କିପରି ସମସ୍ତ ସରକାରୀ ସୁବିଧା ପାଇପାରିବେ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବରେ ଜିଲା ପରିଷଦ ଉପାଧ୍ୟକ୍ଷ ମିଥିଲା ମାଝୀ, ଏମ୍‌ପିଙ୍କ ପ୍ରତିନିଧି ଶ୍ରୀବତ୍ସ ବେହେରା, ମୁରିବାହାଲ ବ୍ଲକ ଉପାଧ୍ୟକ୍ଷ ଯାଜ୍ଞସେନୀ ହାତୀ, ଡିଏସଏସଓ ମଦନଜିତ ହୋତା, ବିଧାୟକଙ୍କ ପ୍ରତିନିଧି ଗଙ୍ଗାଧର ହେର୍ଣ୍ଣା, ଡା. ପ୍ରବୀର କୁମାର ମେହେର, ସିଡିପିଓ ପୂର୍ଣ୍ଣିମା ବୈଠାରୁ, ଗ୍ରାମ ପଞ୍ଚାୟତ ଅଧିକାରୀ ଗଙ୍ଗାଧର ଛତର ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଭିନ୍ନକ୍ଷମମାନଙ୍କ ଶିକ୍ଷାବୃତ୍ତି, ଭିନ୍ନକ୍ଷମ ପିତାମାତାଙ୍କ ସନ୍ତାନ ପାଇଁ ବୃତ୍ତି, ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ମାଗଣା ଲାପଟପ୍ ପ୍ରଦାନ, ଭିନ୍ନକ୍ଷମ ବିବାହ ପ୍ରୋତ୍ସାହନ, ଟ୍ରେନ ଓ ବସ୍ ପାସ ସହ ପରିଚୟ କାର୍ଡ ପାଇବା ଉପରେ ଉପସ୍ଥିତ ଅତିଥିମାନେ କହିଥିଲେ । ଏହି ଶିବିରରେ ଦିବ୍ୟାଙ୍ଗମାନଙ୍କୁ ଚିହ୍ନଟ, ପରାମର୍ଶ ଓ ଚିକିତ୍ସା କରିବା ପାଇଁ ବିଶେଷଜ୍ଞ ଡାକ୍ତରମାନଙ୍କ ମଧ୍ୟରେ ଡା. ରଞ୍ଜିତ କୁମାର ମେହେର, ଡା. ମାନସ ରଞ୍ଜନ ମିଶ୍ର, ଡା. ଅଶୋକ କୁମାର ନାୟକ, ହେମନ୍ତ ବାରିଆ, ଡା. ପ୍ରଣତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ୫୨୮ ଜଣ ଦିବ୍ୟାଙ୍ଗ ଉପସ୍ଥିତ ରହି ପଞ୍ଜୀକୃତ କରାଇଥିଲେ । ଉକ୍ତ କାର୍ଯ୍ୟକ୍ରମ ଙ୍କୁ ବିପିଏମ ଗୋପାଳକୃଷ୍ଣ ଦୀପ ପରିଚାଳନା କରିଥିଲେ । ରିଙ୍କୁ ମେହେର ସଂଯୋଜନା କରିଥିଲେ । ଆକାଉଣ୍ଟ ଅଧିକାରୀ ଘେନୁରାମ ତାଣ୍ଡି, ରାଜୁ ନାଏକ, ରାଜକିଶୋର ବାବୁ, ନିର୍ବାହୀ ଅଧିକାରୀ ଓ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ପୀଡ଼ିତାଙ୍କୁ ଭେଟି ଆଶ୍ୱାସନା ଦେଲେ ବିଧାୟକ

**ଆଦିବାସୀ ଯୁବତୀଙ୍କୁ ଅଖାଦ୍ୟ ଖୁଆଇବା ଘଟଣା**

କଣ୍ଟାବାଞ୍ଜି, ୨୧।୧୧ (ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଥାନା ଅଧୀନସ୍ଥ ଜୁରାବନ୍ଧ ଗାଁର ଜଣେ ଆଦିବାସୀ ଯୁବତୀଙ୍କୁ ସେହି ଅଞ୍ଚଳର ଜଣେ ଯୁବକ ନିର୍ଯାତନା ଦେବା ସହ ଜୋର ଜବରଦସ୍ତି ଅଖାଦ୍ୟ ଖୁଆଇ ଦେଇଥିବା ଅଭିଯୋଗ ହୋଇଛି । ଏ ନେଇ ଥାନାରେ ଅଭିଯୋଗ କରାଯାଇଥିଲେ ହେଁ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଘଟଣା ଘଟିବାର ୫ ଦିନ ପରେ ବି ପୋଲିସ କୌଣସି ପଦକ୍ଷେପ ନେଇ ନ ଥିବାରୁ ଗୁରୁବାର କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଜୁରାବନ୍ଧ ଗ୍ରାମକୁ ଯାଇ ପୀଡିତା ଓ ତାଙ୍କ ପରିବାରକୁ ଆଶ୍ୱସନା ଦେଇଛନ୍ତି । ଏଥିସହ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ମିଳିବା ଉଚିତ୍ ବୋଲି କହିବା ସହ ତାଙ୍କର ସମ୍ପୂର୍ଣ୍ଣ ସହଯୋଗ ରହିବ ବୋଲି କହିଥିଲେ । ବିଧାୟକ ବାଗଙ୍କ ସହ ଭାଲୁମୁଣ୍ଡ ସରପଞ୍ଚ ବସନ୍ତ ମେହେର, କ୍ଷୀରସିନ୍ଧୁ ବଛା, ନରେଶ ସଗରିଆଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଦୁର୍ନୀତି ନେଇ ଅଡିଟ୍ ନିର୍ଦ୍ଦେଶ

**କୁମୁଣ୍ଡେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅବ୍ୟବସ୍ଥା ପ୍ରସଙ୍ଗ**

**■ଅତିରିକ୍ତ ଶ୍ରେଣୀଗୃହ ପାଇଁ ୧୦ ଲକ୍ଷ ଅନୁଦାନ**

ଲୋଇସିଂହା, ୨୧।୧୧ (ସୁଶାନ୍ତ ବାରିକ)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ କୁମୁଣ୍ଡେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସରକାରୀ ଅନୁଦାନ ବାଟମାରଣା ଏବଂ ବିପର୍ଯ୍ୟସ୍ତ ଶିକ୍ଷାକୁ ନେଇ ଗ୍ରାମବାସୀ ଜିଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା । ଏହାର ପ୍ରତିବାଦରେ ଗ୍ରାମବାସୀ ନଭେମ୍ବର ୧୦ ତାରିଖରୁ ୪ ଦିନ ଧରି ସ୍କୁଲରେ ତାଲା ପକାଇ ଆନ୍ଦୋଳନ କରିଥିଲେ । ଏହି ପରିପ୍ରେକ୍ଷୀରେ ଗୁରୁବାର ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ ବିଦ୍ୟାଳୟ ପରିଦର୍ଶନରେ ଆସିଥିଲେ । ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ମିଶ୍ରଙ୍କ ସମେତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧ ସ୍କୁଲରେ ପହଞ୍ଚି ଥିଲେ । ଏହି ଅବସରରେ ଗ୍ରାମବାସୀ ବିଦ୍ୟାଳୟରେ ହୋଇଥିବା ଦୁର୍ନୀତି ଉପରେ ଅଡିଟ ପାଇଁ ବିଧାୟକଙ୍କ ନିକଟରେ ଦାବିକରିଥିଲେ । ସବୁ ଅଭିଯୋଗ ଶୁଣିଲା ପରେ ବିଧାୟକ ପୂଜାରୀ କ୍ଷୋଭ ପ୍ରକାଶ କରିବା ସହ ଦୁର୍ନୀତର ଅଡିଟ ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବିଧାୟକଙ୍କ ନିର୍ଦ୍ଦେଶ ପରେ ଦୁଇସପ୍ତାହ ମଧ୍ୟରେ ଆସିଥିବା ଅଭିଯୋଗର ତଦନ୍ତ ସାରିବାକୁ ଜିଲା ଶିକ୍ଷା ଅଧିକାରୀ କହିଛନ୍ତି । ଏହି ଅବସରରେ ବିଦ୍ୟାଳୟର ଭିତ୍ତିଭୂମି ସଜାଡିବା ଏବଂ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ପାଇଁ ବିଧାୟକ ପାଣ୍ଠିରୁ ୧୦ ଲକ୍ଷ ଅନୁଦାନ ଦେବାକୁ ବିଧାୟକ ପୂଜାରୀ ଘୋଷଣା କରିଥିବା ଗ୍ରାମବାସୀ କହିଛନ୍ତି । ପ୍ରକାଶଥାଉ କି, ଗ୍ରାମବାସୀଙ୍କ ଅଭିଯୋଗ ଆଧାରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଶିକ୍ଷା ବିଭାଗ ନିଲମ୍ବନ କରିଛି ।


ସ୍କୁଲ ପରିଦର୍ଶନ ବେଳେ ଅଧିକାରୀଙ୍କ ସହ ବିଧାୟକ ।

## ମଦ ଭାଟି ଲୁଟ୍ ଘଟଣାରେ ୩ ଗିରଫ

ଟିଟିଲାଗଡ଼, ୨୧।୧୧ (ଶରତ ମିଶ୍ର)

ଟିଟିଲାଗଡ଼ ଥାନା ଅନ୍ତର୍ଗତ ତେନ୍ତୁଲିଖୁଣ୍ଟି ମଦ ଭାଟି ଲୁଟ ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି । ଗତ ୧୯ ତାରିଖ ଅପରାହ୍ନରେ ମଦ ଭାଟିର ସେଲସ୍‌ମ୍ୟାନ ଅମଲେଶ ଯାଦବ ମଦ ବିକ୍ରି କରୁଥିବା ବେଳେ ଟିଟିଲାଗଡ଼ ସହରର ଲୋକନାଥ କୁମ୍ଭାର ଓରଫ କୁଙ୍ଗୀ, ସଞ୍ଜୟ ସୁନା ଏବଂ ଖଜୁରପଡାର ମକୁନ୍ଦ ବାଗ ଧମକାଇ ୨୦ ହଜାର ୪୬ ଟଙ୍କା ଏବଂ ଏକ ମୋବାଇଲ ଲୁଟି ନେଇଥିଲେ । ଏନେଇ ତଦନ୍ତ ଅଧିକାରୀ ଦେବାଶିଷ ଶତପଥୀଙ୍କ ନେତୃତ୍ୱରେ ଏକ ଟିମ୍ ୩ ଜଣ ଲୁଟେରାଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି ।

# ଯୁବୋଦୟରେ ବ୍ୟବସାୟିକ ଅଧ୍ୟୟନରେ ଇଂଲିଶ୍ ଭାଷାର ଗୁରୁତ୍ୱ ଉପରେ ଆଲୋଚନା

ବଲାଙ୍ଗୀର, ୨୧।୧୧ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ସଦର ବ୍ଲକ ଅନ୍ତର୍ଗତ ସକ୍‌ମାସ୍ଥିତ ଯୁବୋଦୟ ଶିକ୍ଷାନୁଷ୍ଠାନଠାରେ ବ୍ୟବସାୟିକ ଅଧ୍ୟୟନରେ ଇଂରାଜୀର ଗୁରୁତ୍ୱ ଶୀର୍ଷକ ଉପରେ ଏକ ଏକ୍ସପର୍ଟ୍ ଟକ୍ ସେସନ୍ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ସିଡିସି ଡାଇରେକ୍ଟର ବିଘ୍ନେଶ ପ୍ରସାଦ ମିଶ୍ର ଯୋଗଦେଇ ବ୍ୟବସାୟିକ ଅଧ୍ୟୟନରେ ଇଂରାଜୀ ଅଧ୍ୟୟନର ଗୁରୁତ୍ୱ ଉପରେ କହିଥିଲେ । ବ୍ୟବସାୟିକ ଅଧ୍ୟୟନରେ କମ୍ୟୁନିକେଟିଭ୍ ଏବଂ ଜେନେରାଲ୍ ଇଂରାଜୀର ଅଭିନବ ପ୍ରୟୋଗ ଓ ଗୁରୁତ୍ୱ ବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ । ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଆସିଷ୍ଟାଣ୍ଟ ପ୍ରଫେସର ଡ. ମନୋଜ କୁମାର ନାଗ ସ୍ନାତକ ପରେ ସିଭିଲ୍ ସର୍ଭିସ୍ ପରୀକ୍ଷାର ଇଂରାଜୀର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ । ଏହି ସେସନ୍‌ଟି ଛାତ୍ରୀଛାତ୍ରମାନଙ୍କ ପାଇଁ ଉପାଦେୟ ହୋଇଥିବା ଛାତ୍ରୀଛାତ୍ରମାନେ କହିଥିଲେ । ଯୁବୋଦୟ ଶିକ୍ଷାନୁଷ୍ଠାନର ଡାଇରେକ୍ଟର ଅମ୍ବରୀଶ ଦାଶ ଛାତ୍ରୀଛାତ୍ରଙ୍କ ସୃଜନାତ୍ମକ ବିକାଶ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାର ସଫଳ ମୁକାବିଲା ପାଇଁ ଯୁବୋଦୟର ନିଷ୍ଠାବାନ୍ ଉଦ୍ୟମ ଉପରେ କହିଥିଲେ । ଏଭଳି ଆୟୋଜନ ବୃହତ୍ତର ଦୃଷ୍ଟିକୋଣରେ ଛାତ୍ରୀଛାତ୍ରଙ୍କ ପାଇଁ ବିକାଶମୂଳକ ହେବ ବୋଲି କହିଥିଲେ ।


ଯୁବୋଦୟ ଶିକ୍ଷାନୁଷ୍ଠାନରେ ଆୟୋଜିତ ଏକ୍ସପର୍ଟ ଟକ୍ ସେସନ୍‌ରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପ୍ରଫେସର ବକ୍ତବ୍ୟ ରଖୁଛନ୍ତି ।

# ବରୋଦା ୫୩୭: ଓଡ଼ିଶା ୧୭୨/୫

**କୁଚ୍ ବିହାର ଟ୍ରଫି**

ବଲାଙ୍ଗୀର, ୨୧।୧୧ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରେ ଚାଲିଥିବା କୁଚ୍ ବିହାର ଟ୍ରଫି କ୍ରିକେଟ ମ୍ୟାଚ୍‌ରେ ଭ୍ରମଣକାରୀ ବରୋଦା ୫୩୭ ରନରେ ଅଲଆଉଟ ହୋଇଯାଇଥିବା ବେଳେ ଗୁରୁବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ଓଡ଼ିଶା ଏହାର ପ୍ରଥମ ଇନିଂସରେ ୫ ଉଇକେଟ ବିନିମୟରେ ୧୭୨ ରନ କରିଛି । ସକାଳେ ବରୋଦା ଏହାର ପ୍ରଥମ ଇନିଂସ ଅସମାପ୍ତ ସ୍କୋର ୩୭୬/୪ ସ୍କୋରରୁ ଏହାର ଖେଳ ଆରମ୍ଭ କରିଥିଲା । ବୁଧବାର ପ୍ରଥମ ଦିବସରେ ନିତ୍ୟା ପାଣ୍ଡିଆ ସର୍ବାଧିକ ୧୭୯ ଓ ବିଶ୍ୱାସ ପଟେଲଙ୍କ ୧୩୮ ରନ୍ ପରେ ଦଳ ଅଲଆଉଟ ହେବାପୂର୍ବରୁ ଅନ୍ୟତମ ସଫଳ ବ୍ୟାଟ୍ସମ୍ୟାନ ଭାବେ ଅଭିଷେକ ସ୍ୱାମୀନାଥନ ୭୩ ରନ୍ କରିଥିଲେ । ଓଡିଶା ଦଳର ସବୁଠାରୁ ସଫଳ ବୋଲର ଏସ୍‌କେ ଅହମଦ ୪ଟି ଉଇକେଟ ନେଇଥିଲେ । ଓଡିଶାର ଅସମାପ୍ତ ପ୍ରଥମ ଇନିଂସରେ ସମ୍ବିଦ ବେଜ୍ ୪୧ ରନ୍ କରିଥିବା ବେଳେ ବିଶ୍ୱଜିତ ପ୍ରଧାନ ୩୫ ଏବଂ ପଙ୍କଲା ମକ୍‌ସିଦ୍ ୩୦ ରନ୍ କରି ଅପରାଜିତ ଅଛନ୍ତି । ବରୋଦ ଦଳର ଆଶୁତୋଷ ମାହାଡି ଓ ପୱନ ପଟେଲ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଛନ୍ତି । ଓଡିଶା କ୍ରିକେଟ ଆସୋସିଏଶନ ଓ ବଲାଙ୍ଗୀର ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ବୁଧବାର ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମରେ ଏହି ମ୍ୟାଚ ଆରମ୍ଭ ହୋଇଛି । ଏଥବରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଓ ସମ୍ମାନିତ ଅତିଥି ରୂପେ ବଲାଙ୍ଗୀର ଜିଲାପାଳ ଗୌରବ ଶିୱାଜୀ ଇସଲୱାର ଯୋଗଦାନ କରି ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଜିଲା କ୍ରୀଡ଼ା ସଂସଦ କାର୍ଯ୍ୟକାରୀ ସଭାପତି ଶ୍ରୀକର ମିଶ୍ର, ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଓ ପ୍ରହଲ୍ଲାଦ ଶତପଥୀ, ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ, ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ ଓ ଶତୃଘ୍ନ ସିଂ, କୋଷାଧ୍ୟକ୍ଷ ପ୍ରଭାତ କୁମାର ମିଶ୍ର, ଫୁଟବଲ ସମ୍ପାଦକ ହେମନ୍ତ କୁମାର ବେହେରା, କ୍ରୀଡ଼ା ସମ୍ପାଦକ ବିଭୁତି ଭୂଷଣ ପଣ୍ଡା, କ୍ରିକେଟ ସମ୍ପାଦକ ଓମ୍ ପ୍ରକାଶ ଚାନ୍ଦ, କ୍ରିକେଟ କୋଚ୍ ଅରୁଣ କୁମାର ନାଏକ, କାଉନସିଲ ସଭ୍ୟ ଜୟରାମ ମିଶ୍ର, ଶିଶିର ବହିଦାର, ଦ୍ୱାରିକା ପଣ୍ଡା, ବରିଷ୍ଠ ସଭ୍ୟ ରମେଶ ଚନ୍ଦ୍ର ପୁରୋହିତ, ରମାକାନ୍ତ ସେଠ, ସୁଧୀର ଚନ୍ଦ୍ର ପଣ୍ଡା ଓ ଓସିଏ ଅମ୍ପାୟାର ପୃଥ୍ୱୀରାଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ବୁଧବାର ଟସ୍ ଜିଣି ବରୋଦା ଦଳ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ।



ବରୋଦା ଟପ୍ ସ୍କୋରର ନିତ୍ୟା ପାଣ୍ଡିଆ



ଶତକ ହାସଲକାରୀ ବିଶ୍ୱାସ ପଟେଲ

# ବିଗୁଡୁଛି ଆଇନଶୃଙ୍ଖଳା ପରିସ୍ଥିତି

■ ବରଗଡ଼ ବିଜେଡିର ଉଦ୍‌ବେଗ
■ ଏସ୍‌ପିଙ୍କୁ ସ୍ମାରକପତ୍ର ପ୍ରଦାନ

**ବରଗଡ଼,୨୧।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିଗିଡିବାରେ ଲାଗିଛି। ଜିଲାର ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ସବୁଠି ଚୋରାମଦ ବେପାର କରାଯାଉଛି। ଗଳିକନ୍ଦିରେ ଲୁଚାଛପା କଫ୍ ସିରପ୍, ବ୍ରାଉନ ସୁଗାର ଆଦି ନିଶାଦ୍ରବ୍ୟ ବିକ୍ରି ହେଉଛି। ଏହାଦ୍ୱାରା ଜିଲାରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ଏଭଳି ଅଭିଯୋଗ ନେଇ ବିଜେଡିର ଏକ ପ୍ରତିନିଧି ଦଳ ଗୁରୁବାର ବରଗଡ଼ ଏସ୍‌ପି ପି. ଏସ୍ ମିନାଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିବା ସହିତ ଜିଲାରେ ବିଗିଡିଥିବା ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବା ଦିଗରେ ବିହିତ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ଗତ କିଛିଦିନ ତଳେ ପାଇକମାଳ ଥାନା ଟେମରି ପଞ୍ଚାୟତ ଅନ୍ତର୍ଗତ ସୋଡା ଗ୍ରାମରେ ଜଣେ ଶିଶୁକନ୍ୟାକୁ ବଳାତ୍କାର ଓ ହତ୍ୟା ଘଟଣା ସାରା ରାଜ୍ୟରେ ଆଲୋଡନ ଖେଳାଇ ଦେଇଛି। ସେହିପରି ଏହା ପୂର୍ବରୁ ବରଗଡ଼ ସଦର ଥାନା ଅନ୍ତର୍ଗତ



ବରଗଡ଼ ଏସ୍‌ପିଙ୍କୁ ବିଜେଡି ନେତୃବୃନ୍ଦ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

ତୁରୁଙ୍ଗା ଗ୍ରାମରେ ଅଭିଯୁକ୍ତମାନେ ରାତିଅଧିଆ ସଂଘବଦ୍ଧ ଭାବେ ବିଭିନ୍ନ ମାରଣାସ୍ତ୍ର ଧରି ଗ୍ରାମର ଏକ ଘରକୁ ପଶି ଆତଙ୍କ ସୃଷ୍ଟି କରିଥିଲେ ଏବଂ ଘରେ ଥିବା କାର୍, ବାଇକ୍, ସ୍କୁଟି ଆଦି ଭଙ୍ଗାରୁଜା କରିବା ସହିତ ହତ୍ୟା ଧମକ ଦେଇ ଖସି ଯାଇଥିଲେ। ଏହା କେବଳ ଦୃଷ୍ଟାନ୍ତ ମାତ୍ର। ଜିଲାରେ ଲୁଟ୍‌ପାଟ୍, ଚୋରି ଆଦି ଘଟଣା ବଢିଚାଲିଥିବା ବେଳେ ପୋଲିସର ଅପାରଗତା ପଦାରେ ପଡିଛି।

ଅନ୍ୟପକ୍ଷେ ବରଗଡ଼ ଶାନ୍ତି ଓ ଭାଇଚାରାର ଜିଲା ଭାବେ ପରିଚିତ ଥିବାବେଳେ ପୋଲିସର ଏଭଳି ନିଷ୍କ୍ରିୟତା ଯୋଗୁ ଜିଲା ଅଶାନ୍ତ ହୋଇ ପଡୁଛି। ଜିଲାବାସୀ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଏଭଳି ସ୍ଥଳେ ପୋଲିସ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ବଦଳରେ କିଛି କ୍ଷମତାଶାଳୀ ଓ ପ୍ରତିପତ୍ତିଶାଳୀ ଲୋକଙ୍କ ଚାପରେ ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରୁଛି ବୋଲି ବିଜେଡି ଅଭିଯୋଗ କରିଛି। ଆଗାମୀ ଦିନରେ ବରଗଡ଼ ଧନୁଯାତ୍ରା ଏବଂ ବିଭିନ୍ନ ପର୍ବପର୍ବାଣୀ, ଯାତ୍ରା ଅନୁଷ୍ଠିତ ହେବ। ଫଳରେ ବିଭିନ୍ନ ଅପରାଧରେ ସମ୍ପୃକ୍ତ ତଥା ଆପରାଧିକ କାର୍ଯ୍ୟକଳାପକୁ ପ୍ରଶ୍ରୟ ଦେଉଥିବା ଲୋକଙ୍କୁ ତୁରନ୍ତ ଗିରଫ କରିବା ପାଇଁ ବିଜେଡି ଦାବି କରିଛି। ଏହା କରା ନ ଗଲେ ବିଜେଡି ଆନ୍ଦୋଳନକୁ ଓହ୍ଲାଇବ ବୋଲି ସ୍ମାରକପତ୍ରରେ ଚେତାବନୀ ଦେଇଛି। ଦଳର ଜିଲା ସଭାପତି ସୁଶାନ୍ତ ମହାପାତ୍ର, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ମନ୍ତ୍ରୀ ରୀତା ସାହୁ , ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, ବରଗଡ ବ୍ଲକ ସଭାପତି ପ୍ରଫୁଲ୍ଲ ନାଏକ, ଟାଉନ ସଭାପତି କିଶୋର ମିଶ୍ରଙ୍କ ସମେତ ବିଜେଡି ନେତୃବୃନ୍ଦ ଏସ୍‌ପିଙ୍କୁ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଆଜି ସକାଳ ୮ରୁ ବିଦ୍ୟୁତ୍ ଯୋଗାଣ ବନ୍ଦ

**ବରଗଡ଼,୨୧।୧୧(ପ୍ରେମାନନ୍ଦ ଖମାରୀ):** ଓପିଟିସିଏଲ୍‌ର ୧୩୨/୩୩ ଥୁଆପାଲି ଗ୍ରୀଡ୍ ସବଷ୍ଟେଶନରେ ଶୁକ୍ରବାର ଜରୁରୀକାଳୀନ ରକ୍ଷଣାବେକ୍ଷଣ କାର୍ଯ୍ୟ ଚାଲିବ। ଏଥିପାଇଁ ଉକ୍ତ ଦିନ ସକାଳ ୮ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ବାଙ୍କିଘିର୍ଡ଼ି, ଗର୍ଭନା, ଜାମଟିକିରା, କଦଲିପାଲି, କମଗାଁ, ଖୁଣ୍ଟୁଲିପାଲି, ଏଲ୍‌ଆଇ ପଏଣ୍ଟ, ମହୁଲପାଲି ଫିଡର, ପପଙ୍ଗା, ସଂକ୍ରୀଡ଼ା, ସିଆଲଖଣ୍ଡହଥା, ସିନ୍ଦୁରପୁର, ସିଙ୍ଗିଝୁବା, ତିଲକଣ୍ଡା, ତୁରୁମ ଫିଡର ସହିତ ଆଖପାଖ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ଏହି ସାମୟିକ ବ୍ୟାହତ ପାଇଁ ଜନସାଧାରଣ ସହଯୋଗ କରିବାକୁ ଟିପିଡବ୍ଲ୍ୟୁଓଡିଏଲ୍ କର୍ପୋରେଟ୍ କାର୍ଯ୍ୟାଳୟର ମୁଖ୍ୟ କର୍ପୋରେଟ୍ ସରକାରୀ ସମ୍ପର୍କ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

### ତମାଖୁ ଉପରେ ଚଢ଼ାଉ, ଜରିମାନା ଆଦାୟ

**ଝାରବନ୍ଧ,୨୧।୧୧(ଦେବେନ୍ଦ୍ର ସାହୁ):** ବରଗଡ଼ ଜିଲା ସ୍ୱାସ୍ଥ୍ୟ, ଅବକାରୀ ବିଭାଗ ଓ ଝାରବନ୍ଧ ପୋଲିସ ପକ୍ଷରୁ ଏକ ମିଳିତ ସ୍କ୍ୱାଡ୍ ଗୁରୁବାର ଝାରବନ୍ଧ ଓ ଡଭା ଅଞ୍ଚଳରେ ଚଢ଼ାଉ କରିଛି। ଚଢାଉ ବେଳେ ତମାଖୁ ନିୟନ୍ତ୍ରଣ ନିୟମ ଭଙ୍ଗକରି ସର୍ବସାଧାରଣ ସ୍ଥାନରେ ତମାଖୁ ଉତ୍ପାଦ ବିକ୍ରି କରୁଥିବା ୧୬ଜଣଙ୍କ ଠାରୁ ସମୁଦାୟ ୩୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏଥିସହ ଜନସାଧାରଣଙ୍କୁ ଖାଦ୍ୟରେ ରଙ୍ଗ ବ୍ୟବହାର ନ କରିବା, ଖବରକାଗଜରେ ଖାଦ୍ୟସାମଗ୍ରୀ ନ ଦେବା ଏବଂ ତମାଖୁ ବ୍ୟବହାରର କ୍ଷତି ବିଷୟରେ ସଚେତନ କରାଯାଇଥିଲା। ଉକ୍ତ ସ୍କ୍ୱାଡ୍‌ରେ ଜିଲା ଭେଷଜ ନିରୀକ୍ଷକ ସୁନିତା ନାଗ, ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ପରମେଶ୍ୱର ନାଏକ, ଜିଲା ପରାମର୍ଶଦାତା ଶୀତେଶ ତ୍ରିପାଠୀ, ଅବକାରୀ ଏସ୍‌ଆଇ ବଳରାମ ପ୍ରଧାନ, ପୋଲିସ ଏସ୍‌ଆଇ ପ୍ରଦୀପ ଶବର ପ୍ରମୁଖ ସାମିଲ ହୋଇଥିଲେ।

### ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ



**ଗାଇସିଲେଟ,୨୨।୧୧(ଦୁର୍ଗାପ୍ରସାଦ ତ୍ରିବେଦୀ):** ଗାଇସିଲେଟ ବ୍ଲକ ତାଲପାଲି ପଞ୍ଚାୟତ ଖୁଣ୍ଟପାଲି ଗ୍ରାମରେ ଶ୍ରୀଜଗନ୍ନାଥଙ୍କ ମାଉସୀ ମା' ମନ୍ଦିର ନିର୍ମାଣ ସକାଶେ ଗୁରୁବାର ବିଜେପୁର ବିଧାୟକ ସନତ କୁମାର ଗଡତିଆଙ୍କ ଦ୍ୱାରା ଭୂମିପୂଜନ ଓ ଶୁଭସ୍ତମ୍ଭ ସ୍ଥାପିତ ହୋଇଯାଇଛି। ଗ୍ରାମର ଗୌନ୍ତିଆ ଆଶିଷ ବରିହାଙ୍କ ସମେତ ଶତାଧିକ ମହିଳା ପୁରୁଷ ବିଧାୟକଙ୍କୁ ଭୂମିପୂଜନ ସ୍ଥାନକୁ ପାଛୋଟି ନେଇଥିଲେ। ମନ୍ଦିର ପୂଜକ ଗୋକୁଳ ମହାନ୍ତି ଓ ତାଙ୍କ ସ୍ତ୍ରୀ ଉମା ମହାନ୍ତି କର୍ତ୍ତାକାର୍ଯ୍ୟ ସମ୍ପାଦନ କରିଥିଲେ। ଶଙ୍କର ମହାନ୍ତି ବିଧାୟକଙ୍କୁ ଉପଢୌକନ ଦେଇ ସମ୍ମାନୀତ କରିଥିଲେ। ପରେ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ କରାଯାଇଥିଲା।

### ମିଳିତ କାର୍ଯ୍ୟକାରୀ ସ୍କ୍ୱାଡ୍‌ର ଚଢାଉ



**ବରଗଡ,୨୧।୧୧(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ବିଜେପୁର ବ୍ଲକର ଲାଉମୁଣ୍ଡା ଅଞ୍ଚଳରେ ଜିଲା ସ୍ୱାସ୍ଥ୍ୟ, ପୋଲିସ ଏବଂ ଅବକାରୀ ବିଭାଗକୁ ନେଇ ଗଠିତ ମିଳିତ କାର୍ଯ୍ୟକାରୀ ସ୍କ୍ୱାଡ୍ ଗୁରୁବାର ବିଭିନ୍ନ ସ୍ଥାନରେ ଚଢାଉ କରିଛି। ଚଢାଉ ବେଳେ ନିୟମ ଭଙ୍ଗ କରି ସର୍ବସାଧାରଣ ସ୍ଥାନମାନଙ୍କରେ ତମାଖୁ ଉତ୍ପାଦ ବିକ୍ରି କରୁଥିବା ୮ଜଣଙ୍କଠାରୁ ସମୁଦାୟ ୨୭୦୦ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହାସହିତ ଜନସାଧାରଣଙ୍କୁ ଖାଦ୍ୟରେ ରଙ୍ଗ ବ୍ୟବହାର ନ କରିବା, ଖବରକାଗଜରେ ଖାଦ୍ୟ ସାମଗ୍ରୀ ନ ଦେବା ଏବଂ ତମାଖୁ ବ୍ୟବହାରର କ୍ଷତି ବିଷୟରେ ଅଧିକାରୀମାନେ ଲୋକଙ୍କୁ ସଚେତନ କରିଥିଲେ। ଉକ୍ତ ମିଳିତ ସ୍କ୍ୱାଡ୍‌ରେ ଜିଲା ଭେଷଜ ନିରୀକ୍ଷକ ସୁନିତା ନାଗ, ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ପରମେଶ୍ୱର ନାଏକ, ଜିଲା ପରାମର୍ଶଦାତା ଶୀତେଶ ତ୍ରିପାଠୀ, ଅବକାରୀ ଏଏସ୍‌ଆଇ ଯତୀନ ଦୀପ, ପ୍ରଶାନ୍ତ ବାଗ, ପୋଲିସ ଏଏସ୍‌ଆଇ ଭଗତ ବେହେରା ଏବଂ କନଷ୍ଟେବଳ ବୀରେନ୍ଦ୍ର ପୋଢ଼ ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁ ସାହିତ୍ୟ ସଂସଦର ସ୍ୱନକ୍ଷତ୍ର ଉତ୍ସବ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ବରଗଡ଼,୨୧।୧୧(ପ୍ରେମାନନ୍ଦ ଖମାରୀ)**

ଓଡ଼ିଶାକୁ ନୂଆ କରି ଗଢି ତୋଳିବାରେ ଡଃ ହରେକୃଷ୍ଣ ମହତାବଙ୍କ ଅବଦାନ ଅତୁଳନୀୟ। ସାହିତ୍ୟ, ସଂସ୍କୃତି, ଇତିହାସ, ରାଜନୀତି ବିଶେଷ କରି ଶିଶୁ ସାହିତ୍ୟ ତଥା ଶିଶୁମାନଙ୍କ ଉନ୍ନତି ପାଇଁ କରିଯାଇଥିବା କାର୍ଯ୍ୟ ଯୋଗୁ ସେ ଯଥାର୍ଥରେ ଶିଶୁମାନଙ୍କର କାକା ବୋଲି ମହତାବ ଶିଶୁ ସାହିତ୍ୟ ସଂସଦର ୩୨ତମ ସ୍ୱକ୍ଷତ୍ର ଉତ୍ସବ ଓ ମହତାବ ଜୟନ୍ତୀରେ ଯୋଗଦେଇ ବକ୍ତାଗଣ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ରାଣାପ୍ରତାପ ଉଚ୍ଚ ବିଦ୍ୟାଳୟ ପରିସରରେ ସାହିତ୍ୟିକ ମନୋରଞ୍ଜନ ମେହେରଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ମନୋରଞ୍ଜନ ସାହୁ ମୁଖ୍ୟ ଅତିଥି ଏବଂ ଅବସରପ୍ରାପ୍ତ ଅଧ୍ୟକ୍ଷ ଟେକଚାନ୍ଦ ଦୁଆନ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ମହତାବଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅତିଥିବୃନ୍ଦ ମହତାବଙ୍କୁ ନବ ଉତ୍କଳର ନିର୍ମାତା ଭାବେ ଅଭିହିତ କରିଥିଲେ। ଏହି ଅବସରରେ ବିଶିଷ୍ଟ ଶିଶୁ ସାହିତ୍ୟିକ ପ୍ରଶାନ୍ତ କୁମାର ସାହୁଙ୍କୁ 'କାକା ମହତାବ ଶିଶୁ ସାହିତ୍ୟ ସମ୍ମାନ –୨୦୨୪' ଓ ଦୟାନିଧି ମହାପାତ୍ରଙ୍କୁ 'କଳାମାଣିକ ଶିଶୁ ସାହିତ୍ୟ ସମ୍ମାନ–୨୦୨୪' ପ୍ରଦାନ କରାଯାଇଥିଲା। ସମାଜସେବୀ ପ୍ରିତମ ସିଂ, ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ମହତାବଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟିକ ତୁଳସୀ ଚରଣ ଦାଶ, ଶିଶୁ ସାହିତ୍ୟିକ ପ୍ରଦୀପ୍ତ ଭାନୁ ମହାନ୍ତି, ଅଧ୍ୟାପକ ତିଳକରାମ ପ୍ରଧାନ, ତରଣୀସେନ ବୁଧିଆ ପ୍ରମୁଖ ମହତାବଙ୍କ ସ୍ମୃତିଚାରଣ କରିଥିଲେ। ସଂସଦର ପ୍ରତିଷ୍ଠାତା ସମ୍ପାଦକ ଡ. ରବିନାରାୟଣ ସାହୁ ସ୍ୱାଗତ ଭାଷଣ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିକ୍ଷୟିତ୍ରୀ ସୁନୀତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

**ପାଇକମାଳ,୨୧।୧୧(ବଢ଼ ଶତପଥୀ)**

ବରଗଡ ଜିଲା ପାଇକମାଳ ବ୍ଲକ ଅନ୍ତର୍ଗତ ଲଖମରା ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ଚୂଡ଼ାମଣି ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଶିକ୍ଷକ ନିରାକାର ପ୍ରଧାନ ସଭା ପରିଚାଳନା ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଧଳେନ୍ଦ୍ର କୁମାର ବାରିକ ଉଦ୍ଦେଶ୍ୟ ଜ୍ଞାପନ ଓ ବିବରଣୀ ପଠନ କରିଥିଲେ। ପଦ୍ମପୁର ବିଇଓ ଲୋକନାଥ ଭୋଇ, ଝାରବନ୍ଧ ବିଇଓ ଶୁଭମ ପତି, ଅବସରପ୍ରାପ୍ତ ବିଇଓ ଜନକଲାଲ ମେହେର, ଶିକ୍ଷାବିତ୍ ମଧୁସୁଦନ ଦାସ, ବରଗଡ ଜିଲା ଶିକ୍ଷା ପ୍ରତିଷ୍ଠାନ ଶିକ୍ଷୟିତ୍ରୀ ସୁସ୍ମିତା ସାହୁ, ଗୌତମ ସିଂ, ସରପଞ୍ଚ ସୁବାଷ ଚନ୍ଦ୍ର ଝଗରା, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ସୀତାନାଥ ସାହୁ, ବିଦ୍ୟାଳୟ ପରିଚାଳନା ସଭାପତି ତ୍ରିବିକ୍ରମ ନାଏକ, ସମିତି ସଭ୍ୟା ଶିବାନୀ



ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ସଭାରେ ମଞ୍ଚାସୀନ ଅତିଥିଗଣ।

ଲୁହାର, ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ସାହୁ, ନାରାୟଣ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ବୈଜ୍ଞାନିକ ମନୋବୃତ୍ତିର ବିକାଶ ପାଇଁ ବିଜ୍ଞାନ ମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଝାରବନ୍ଧ ଓ ପଦ୍ମପୁର ବ୍ଲକରୁ ୧୦ ଜଣ ବିଜ୍ଞାନ ଶିକ୍ଷକ ବିଚାରକ ଭାବେ ଯୋଗଦେଇ ପ୍ରକଳ୍ପଗୁଡିକର ମୂଲ୍ୟାୟନ କରିଥିଲେ। ବିଭିନ୍ନ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରରୁ ସମୁଦାୟ ୧୬୫ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରକଳ୍ପ ଶିଶୁ ବୈଜ୍ଞାନିକଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ଶିକ୍ଷକ ବ୍ରଜକିଶୋର ଭୀଲଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ରାଜବୋଡାସମ୍ବର ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଲୋକନାଥ ଭୋଇ ସଭାପତିତ୍ୱ କରିଥିଲେ। ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି, ଜିଲା ପରିଷଦ ସଦସ୍ୟା ବାସନ୍ତୀ ବାଲାମ, ଲଖମରା ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ମୋ ସ୍କୁଲ ସଭାପତି ରମାକାନ୍ତ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ରଙ୍କୁ ଟ୍ରଫି ଓ ପ୍ରମାଣପତ୍ର ସହ ପୁରସ୍କୃତ କରିଥିଲେ। ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସିଆର୍‌ସିସି ବୈଷ୍ଣବ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଲିଙ୍ଗରାଜ ସାହୁ, ନରସିଂହ ପ୍ରଧାନ, ପ୍ରମୋଦ ପ୍ରଧାନ, ଭବାନୀ ଭୋଇ, ଅକ୍ଷୟ ସାହୁ, ସନ୍ତୋଷ ହଂସ ପ୍ରମୁଖ ସହଯୋଗ କରିଥିଲେ।

# ଧାନକ୍ରୟ କେନ୍ଦ୍ର ଉଦ୍‌ଘାଟିତ

**ବରପାଲି,୨୧।୧୧(ଚିତ୍ତରଞ୍ଜନ ସାହୁ)**

୨୦୨୪–୨୫ ଖରିଫ ଧାନକିଣା ପାଇଁ ବରଗଡ ଜିଲା ବରପାଲି ବ୍ଲକ ଆଗଲପୁର ପ୍ରାଥମିକ କୃଷି ସମବାୟ ସମିତି ଅନ୍ତର୍ଗତ ଆଗଲପୁର ମାର୍କେଟ ଓ ତିଲେଇମାଲ ଧାନକ୍ରୟ କେନ୍ଦ୍ର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଆଗଲପୁର ପ୍ରାଥମିକ କୃଷି ସମବାୟ ସମିତି ଲିଃ ସଭାପତି ବିରୋସନ ସାହୁ, ନିର୍ଦ୍ଦେଶକ ଘନଶ୍ୟାମ ପଧାନ, ସେବାରାମ ବେହେରା, କୃଷ୍ଣ ସାହୁ, ବରପାଲି ବ୍ଲକ ଯୋଗାଣ ନିରୀକ୍ଷକ ମୋନିକା ମିଶ୍ର, ବରଗଡ଼ ଯୋଗାଣ ନିରୀକ୍ଷକ କବିରାଜ ଧରୁଆ, ନୋଡାଲ ଅଫିସର ମନୋଜ ଅଦାବର, ବିଶ୍ୱାମିତ୍ର କାଣ୍ଡ, ଭିଏଡବ୍ଲ୍ୟୁ ମିଥୁନ କୁମାର ପଧାନ, ପ୍ରଶାନ୍ତ କର୍ଣ୍ଣ, ସମ୍ପାଦକ ଶ୍ରୀ ସୁମିତ ପଧାନ, ଆର୍‌ଏମ୍‌ସି ଇନ୍‌ଚାର୍ଜ ଗିରିଧାରୀ ମିଶ୍ର, ସରୋଜ ଠେଲା, ତରଣୀ ଯୁଆଡି ତଥା ଅଞ୍ଚଳର ଚାଷୀମାନଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା କରାଯାଇ ମାର୍କେଟର ଶୁଭ ଉଦଘାଟନ କରାଯାଇଥିଲା। ଏହି ଅବସରରେ ଆଗଲପୁର ପ୍ରାଥମିକ କୃଷି ସମବାୟ ସମିତି ସଭାପତି ସାହୁ ନିଜ ଉପାର୍ଜିତ ଧାନ ଦଲାଲମାନଙ୍କ ହାତରେ ନ ଦେଇ ସିଧାସଳଖ ମାର୍କେଟକୁ ଆଣି କିଭଳି ଉଚିତ ମୂଲ୍ୟ ପାଇପାରିବେ ସେ ବିଷୟରେ ଚାଷୀମାନଙ୍କୁ ସଚେତନ କରାଇଥିଲେ।

# ପାଇକମାଳ ବ୍ଲକରେ ୫ ଧାନମଣ୍ଡି ଉଦ୍‌ଘାଟିତ



ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଧାନ ମଣ୍ଡି ଉଦ୍‌ଘାଟନ କରୁଛନ୍ତି।

**ପାଇକମାଳ,୨୧।୧୧(ବଢ଼ ଶତପଥୀ)**

ବରଗଡ ଜିଲା ପାଇକମାଳ ବ୍ଲକ କେଛୋପଦର ପଞ୍ଚାୟତ ହିରାପୁରଠାରେ ଗୁରୁବାର ଧାନମଣ୍ଡି ଖୋଲିଛି। ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଏଆର୍‌ସିଏସ୍ ରବିନାରାୟଣ ପଣ୍ଡା, ପଲସଦା ପ୍ୟାକ୍ସ ସମ୍ପାଦକ ଶେଷଦେବ ପାଣିଗ୍ରାହୀ, ମଣ୍ଡି ନୋଡାଲ ଅଫିସର ହେମରାଜ ସାହୁ, ଭାଜପା ନେତା ଗୋବର୍ଦ୍ଧନ ଅଗ୍ରୱାଲ, କୈଳାଶ ଦିଶ୍ରୀ, କେଛୋଦାଦର ସରପଞ୍ଚ ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ପଲସଦା ଏସିଏସ୍‌ଓଙ୍କ ସହ ଅଞ୍ଚଳର ବହୁ ଚାଷୀ ଉପସ୍ଥିତ ଥିଲେ। ସେହିପରି ଛିନ୍ଦେଇକେଲାରେ ଜାମସେଠ ସମବାୟ ସମିତି ସଭାପତି ରାଜେନ୍ଦ୍ର ପ୍ରଧାନ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜାମସେଠ ସମବାୟ ସମିତି ସମ୍ପାଦକ ଦାମୋଦର ରଣା, ସରପଞ୍ଚ ନନ୍ଦିକିଶୋର ନନ୍ଦ, ଉପେନ୍ଦ୍ର ଭୋଇ, ବୁଡୁ ବେନିଆ, ନିରାକାର ରଣା, ଜତିନ ସାହୁ, ନବଘନ ଭୋଇ, ନିଳୟ ସାହୁ, ଅମୃତ ଭୋଇ, ଅଶୋକ ସାହୁ, ସୁରେଶ ହଂସଙ୍କ ସମେତ ଚାଷୀମାନେ ଉପସ୍ଥିତ ଥିଲେ। ସେହିପରି ମାଣ୍ଡୋସିଲ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ପ୍ୟାକ୍ସ ସଭାପତି ରାଜେନ୍ଦ୍ର ସାହୁ, ସରପଞ୍ଚ ଓମ୍ ପ୍ରକାଶ ନାୟକ, ଗିରୀଶ ଡନସନା, ଶରତ ହଂସ, ହରି ବେହେରାଙ୍କ ସମେତ ଚାଷୀଗଣ ଉପସ୍ଥିତ ଥିଲେ। ଜାମସେଠ ଧାନମଣ୍ଡିକୁ ବିଧାୟିକା ବର୍ଷା ସିଂ ବରିହା ଉଦ୍‌ଘାଟନ କରିଥିବା ବେଳେ ବରତୁଣ୍ଡାରେ ମଧ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି।

# ଜୁନିୟର ରେଡ୍‌କ୍ରସ ପ୍ରଶିକ୍ଷଣ ଶିବିର

**ସରଣ୍ଡା,୨୧।୧୧(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ବ୍ଲକସ୍ତରୀୟ ଜୁନିୟର ରେଡ୍‌କ୍ରସର ଏକଦିବସୀୟ ପ୍ରଶିକ୍ଷଣ ଶିବିର ଲରମ୍ବା ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଆଲୋକ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତାବିରା ବ୍ଲକ ଆଥ୍‌ଲେଟିକ୍ ସେକ୍ରେଟାରୀ ସୁଦୀପ୍ତ କୁମାର ସାହୁ, ଜିଲା ଜୁନିୟର ରେଡ୍‌କ୍ରସ ସାଧନ କର୍ମୀ ଧର୍ମରାଜ ପ୍ରଧାନ ଓ ମନୋହର ଦାଶ ଏବଂ ସିଆର୍‌ସିସି କେଶବ ଛନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ।



ଶିବିରରେ ଅଂଶଗ୍ରହଣ କରିଥିବା ଛାତ୍ରୀଗଣ।

ବରିଷ୍ଠ ଶିକ୍ଷକ ବିନୟ କୁମାର ନାଏକ ସଭା ସଂଯୋଜନା କରିଥିଲେ। ଏଥିରେ ବ୍ଲକର ୨୦ଟି ବିଦ୍ୟାଳୟରୁ ୧୫୨ଜଣ ଅଂଶଗ୍ରହଣ କରିଥିଲେ। ଅତାବିରା ବ୍ଲକ ଶିକ୍ଷାଧିକାରୀ ସୁଶ୍ରୀ ମିଶ୍ରାଣୀ କୁମ୍ଭାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଅତାବିରା ଏବିଇଓ କାର୍ତ୍ତିକ ବାଗ ମୁଖ୍ୟ ଅତିଥି, ବିଦ୍ୟାଳୟର ପ୍ରଧାନଶିକ୍ଷକ ଆଲୋକ କୁମାର ସାହୁ, ଆଥ୍‌ଲେଟ ସୁଦୀପ୍ତ କୁମାର ସାହୁ, ଜିଲା ଜୁନିୟର ରେଡ୍‌କ୍ରସ ସାଧନ କର୍ମୀ ଧର୍ମରାଜ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଗ୍ରୁପ୍ ନାଚ, ଗ୍ରୁପ ଗୀତ, କୁଇଜ୍, ପେଣ୍ଟିଂ, ଫାଷ୍ଟ ଏଡ୍, ଏକ୍ସଟେମ୍ପୋ ସ୍ପିଚ୍‌ରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଜୁନିୟର ରେଡ୍‌କ୍ରସ କାଉନସେଲର ମେଦିନୀ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୩ରୁ ଜାତୀୟ ଗବେଷଣା ସମ୍ମିଳନୀ

**ବରପାଲି,୨୧।୧୧(ଚିତ୍ତରଞ୍ଜନ ସାହୁ):** ନଭେମ୍ବର ୨୩ ଓ ୨୪ ତାରିଖ ଦୁଇଦିନ ଧରି ବରଗଡ ଜିଲା ବରପାଲିସ୍ଥିତ ଫାର୍ମାସ୍ୟୁଟିକାଲ କଲେଜରେ ଅଧ୍ୟକ୍ଷ ନରେନ୍ଦ୍ର କୁମାର ହୋତା ଓ ସଭାପତି ହିମାଂଶୁ ଦେଓଙ୍କ ନେତୃତ୍ୱରେ 'ଜାତୀୟ ଗବେଷଣା ସମ୍ମିଳନୀ–୨୦୨୪' ଅନୁଷ୍ଠିତ ହେବ। ଏହି ସମ୍ମିଳନୀରେ ବିଭିନ୍ନ ରାଜ୍ୟରୁ ପ୍ରାୟ ୭୦୦ ଛାତ୍ରୀଛାତ୍ର, ଅଧ୍ୟାପକ, ଗବେଷକ ତଥା ଶିଳ୍ପପତି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ଡ. ବି. ଏନ୍. ସିହ୍ନା, ଡ. ଉପେନ୍ଦ୍ର ନାଗାଇଚ, ଡ. ପ୍ରତାପ କୁମାର ସାହୁ ପ୍ରମୁଖ ବକ୍ତା ଭାବେ ଯୋଗଦାନ କରି 'ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଇନ୍ ଡ୍ରଗ୍ ଡିସ୍‌କଭରି ଟ୍ରାନ୍ସଫର୍ମିଂ ଦି ଫ୍ୟୁଚର ଅଫ୍ ମେଡିସିନ' ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ଗବେଷଣାଭିତ୍ତିକ ଜ୍ଞାନପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଥିବା ଫାର୍ମାସୀ କଲେଜର ଅଧ୍ୟକ୍ଷ ନରେନ୍ଦ୍ର କୁମାର ହୋତା ସୂଚନା ଦେଇଛନ୍ତି।

# ମହାତ୍ମା ଗାନ୍ଧୀ ଥିଲେ ସ୍ୱାଧୀନତା ଆନ୍ଦୋଳନର ଅପ୍ରତିଦ୍ୱନ୍ଦ୍ୱୀ ନାୟକ

**ବରଗଡ଼, ୨୧।୧୧(ପ୍ରେମାନନ୍ଦ ଖମାରୀ)**

ମହାତ୍ମା ଗାନ୍ଧୀଙ୍କ ଅହିଂସା ଆନ୍ଦୋଳନ ଭାରତୀୟ ସ୍ୱାଧୀନତା ଆନ୍ଦୋଳନକୁ ନିର୍ଣ୍ଣାୟକ ମୋଡ ଦେଇଥିଲା। କିନ୍ତୁ ଆଜିକାଲି ଗାନ୍ଧୀଙ୍କ ନାମରେ ବିଭିନ୍ନ ଅପଶବ୍ଦ ପ୍ରୟୋଗ ପୂର୍ବକ ନକାରାତ୍ମକ ତଥ୍ୟ ପରିବେଷଣ କରାଯାଉଛି। ନକାରାତ୍ମକ ଶବ୍ଦ ମଧ୍ୟ ବ୍ୟବହାର କରାଯାଉଛି। ଏଭଳି ଆଲୋଚନାକୁ ସେ ବ୍ୟକ୍ତିଗତ ଭାବରେ ସ୍ୱୀକାର କରନ୍ତି ନାହିଁ। ମହାତ୍ମା ଗାନ୍ଧୀ ସ୍ୱାଧୀନତା ଆନ୍ଦୋଳନର ଅପ୍ରତିଦ୍ୱନ୍ଦ୍ୱୀ ନାୟକ ବୋଲି ବୁଧବାର ସନ୍ଧ୍ୟାରେ ବରଗଡ଼ ପୁସ୍ତକ ମେଳାକୁ ଉଦ୍‌ଘାଟନ କରି ବରଗଡ ଏମ୍‌ପି ପ୍ରଦୀପ ପୁରୋହିତ ଏଭଳି ମତବ୍ୟକ୍ତ କରିଛନ୍ତି।

ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାର ସଭାପତି ବିମ୍ବାଧର କୁଁଅରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଏମ୍‌ପି ପୁରୋହିତ ଆହୁରି



ବରଗଡ଼ ଏମ୍‌ପି ଗାନ୍ଧିଜୀ ଏବଂ ସ୍ୱଭାବ କବିଙ୍କ ପ୍ରତିଛବି ଆଗରେ ଦୀପ ପ୍ରଜ୍ୱଳନ କରୁଛନ୍ତି।

କହିଥିଲେ, ବରଗଡ଼ ପୁସ୍ତକ ମେଳା ଆଜି ଓଡ଼ିଶାର ଏକ ଅନନ୍ୟ, ବହୁଚର୍ଚ୍ଚିତ ତଥା ସଫଳତମ ପୁସ୍ତକ ମେଳା ଭାବେ ପରିଗଣିତ ହୋଇସାରିଛି। ଗନ୍ଧମାର୍ଦ୍ଦନ ପ୍ରସଙ୍ଗରେ ସେ କହିଥିଲେ, କିଛିଦିନ ହେବ ବିଭିନ୍ନ ଗଣମାଧ୍ୟମ ଓ କିଛି ରାଜନୈତିକ ଦଳର ନେତାଙ୍କ ମୁହଁରେ ଗନ୍ଧମାର୍ଦ୍ଦନରେ ଖଣି ଖନନ ହେବ। ସରକାର ଖଣି ଉତ୍ତୋଳନ ପାଇଁ ଆଦାନୀକୁ ଗନ୍ଧମାର୍ଦ୍ଦନ ଟେକି ଦେବେ ବୋଲି ଆଲୋଚନା ଚାଲିଛି। ସେଥିରେ ସେ ପୂର୍ଣ୍ଣଚ୍ଛେଦ ପକାଇବାକୁ ଚାହୁଁଛନ୍ତି। ଗନ୍ଧମାର୍ଦ୍ଦନରୁ ବାଲ୍‌କୋ କମ୍ପାନୀକୁ ହଟାଇବା ଆନ୍ଦୋଳନରୁ ତାଙ୍କର ରାଜନୀତିକ ଜନ୍ମ ହୋଇଛି। ତାହା ତାଙ୍କୁ ପରିଚୟ ଦେଇଛି । ଗନ୍ଧମାର୍ଦ୍ଦନକୁ ରାଜ୍ୟ କିମ୍ବା କେନ୍ଦ୍ର ସରକାର କେବେ ବି କୌଣସି କମ୍ପାନୀ ହାତରେ ଟେକି ଦେବେ ନାହିଁ ବୋଲି ପୁରୋହିତ ଦୃଢୋକ୍ତି ପ୍ରକାଶ କରିଥିଲେ। ସମ୍ପାଦକ ପ୍ରଦୀପ ହୋତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଏହି ଅବସରରେ ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ପୁସ୍ତକ ମେଳା ଅବସରରେ ପ୍ରଦାନ କରାଯାଉଥିବା ବିଭିନ୍ନ ସ୍ମୃତି ସମ୍ମାନ ଓ ମେଧା ସମ୍ମାନ ଘୋଷଣା କରାଯାଇଥିଲା। ଏଥିରେ ନିଷ୍ଠା ପରିବାରକୁ ବାଲୁଙ୍କେଶ୍ୱର ମିଶ୍ର ସ୍ମୃତି ସମ୍ମାନ, ବୈରଖପାଲିର କବି ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କୁ ଦୟାଲାଲ ଯୋଷୀ ସ୍ମୃତି ସମ୍ମାନ, ସାହିତ୍ୟିକ ରୋହିତ ଦାଶଙ୍କୁ ଗଙ୍ଗାଧର ସାହିତ୍ୟ ସମ୍ମାନ, ଜୈବିକ ପଦ୍ଧତିରେ ଚାଷ କରୁଥିବା ସର୍ଗୀପାଲି ରାଇସେଲପଦରର ସଫଳ ଚାଷୀ ଭୋଜରାଜ ସାହୁଙ୍କୁ ତୋଲାମଣି ସାହୁ ସ୍ମୃତି ସମ୍ମାନ, ଅଭିନେତା ବିନ୍ଦୁ ମଲ୍ଲିକଙ୍କୁ ବୁଦ୍ଧଦେବ ପ୍ରଧାନ ସ୍ମୃତି ସମ୍ମାନ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ସେହିପରି ଦଶମ ଶ୍ରେଣୀ ପରୀକ୍ଷାରେ ବରଗଡ ଜିଲାରେ ପ୍ରଥମ ହୋଇଥବା ଛାତ୍ରୀଛାତ୍ରଙ୍କୁ ଆନନ୍ଦ ଆଚାର୍ଯ୍ୟ ମେଧା ସମ୍ମାନ, ପୌରାଞ୍ଚଳ ସରକାରୀ ସ୍କୁଲର ଦଶମ ଶ୍ରେଣୀରେ ପ୍ରଥମ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସତ୍ୟ ନାରାୟଣ ସାହୁ ମେଧା ସମ୍ମାନ, ପୌରାଞ୍ଚଳରେ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ପ୍ରଥମ ହୋଇଥିବା ଛାତ୍ରଙ୍କୁ ଡା. ଆନନ୍ଦ ରଥ ମେଧା ସମ୍ମାନ, ପୌରାଞ୍ଚଳରେ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ପ୍ରଥମ ହୋଇଥିବା ଛାତ୍ରୀଙ୍କୁ ଆଶା ପଟ୍ଟନାୟକ ମେଧା ସମ୍ମାନ, ଶିକ୍ଷା ସମ୍ମାନରେ ବରଗଡ ଜିଲାରେ ପ୍ରଥମ ହୋଇଥିବା ଛାତ୍ରୀଙ୍କୁ କିରଣ୍ମୟୀ ମହାପାତ୍ର ମେଧା ସମ୍ମାନ ଓ ପଦାର୍ଥ ବିଜ୍ଞାନରେ ବରଗଡ ଜିଲାରେ ସମ୍ମାନ ସହ ପ୍ରଥମ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଡଃ ଲିଙ୍ଗରାଜ ନାୟକ ମେଧା ସମ୍ମାନ ଉଦଯାପନୀ ଦିବସରେ ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଥିଲା। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

### ତାଲା ମାରିବା ପରେ ବିଦ୍ୟୁତ୍ ସଂଯୋଗ

**ବରଗଡ଼,୨୧।୧୧(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ଜାମଛାପର ଗ୍ରାମକୁ ଆଜିକୁ ୬ଦିନ ହେଲା ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇଥିଲା। ଗ୍ରାମବାସୀ ଅନ୍ଧାରରେ ଜୀବନ ଅତିବାହିତ କରୁଥିଲେ। କୌଣସି ସୂଚନା ଦିଆ ନ ଯାଇ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଇଥିବା ଅଭିଯୋଗ କରି ପ୍ରଥମେ ଗ୍ରାମବାସୀ ବିଭାଗୀୟ ଏସ୍‌ଡିଓ ଅଫିସ ଘେରାଉ କରିଥିଲେ। କିଛି ସୁଫଳ ନ ମିଳିବାରୁ ପରେ ସେମାନେ ରାସ୍ତାରୋକୋ କରିଥିଲେ। ରାସ୍ତାରୋକୋ ଆନ୍ଦୋଳନସ୍ଥଳକୁ ବିଭାଗୀୟ ଅଧିକାରୀମାନେ ପହଞ୍ଚି ବକେୟା ବିଦ୍ୟୁତ୍ ବିଲ୍ ଦେଲେ ବିଦ୍ୟୁତ ସଂଯୋଗ କରାଯିବ ବୋଲି କହିଥିଲେ। ଫଳରେ ଗ୍ରାମବାସୀ ଫେରିଯାଇଥିଲେ। ଗୁରୁବାର ସେମାନେ ବିଦ୍ୟୁତ ବିଭାଗର ବରଗଡ଼ସ୍ଥିତ ମୁଖ୍ୟ କାର୍ଯ୍ୟାଳୟକୁ ପହଞ୍ଚି କାର୍ଯ୍ୟାଳୟରେ ତାଲା ମାରିବା ସହିତ ଧାରଣାରେ ବସିଥିଲେ। ଏହାପରେ ଗ୍ରାମକୁ ବିଦ୍ୟୁତ ସଂଯୋଗ ହୋଇଥିଲା। ବୀର ସୁରେନ୍ଦ୍ର ସାଏ କୃଷକ ସଙ୍ଗଠନ ସଭାପତି ରବିଶଙ୍କର ପ୍ରଧାନ ଏହାର ନେତୃତ୍ୱ ନେଇଥିଲେ।

## ସଂକ୍ଷେପରେ

### ଜିଲା ବ୍ରାହ୍ମଣ ସମାଜର କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ

ସୁନ୍ଦରଗଡ,୨୧।୧୧(ଜୟ ନାରାୟଣ ମେଣ୍ଡୁଲି) : ଜିଲା ବ୍ରାହ୍ମଣ ସମାଜର ନବ ନିର୍ମିତ କମ୍ୟୁନିଟି ସେଣ୍ଟର(ଗୋଷ୍ଠୀ କେନ୍ଦ୍ର)ଗୁରୁବାର ସ୍ଥାନୀୟ ବିଧାୟକ ଯୋଗେଶ କୁମାର ସିଂଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ଜିଲା ବ୍ରାହ୍ମଣ ସମାଜର ସଭାପତି ଚିନ୍ମୟ ପାଣିଗ୍ରାହୀ, ଉପସଭାପତି ସୁମନ୍ତ ପଣ୍ଡା, ସମ୍ପାଦକ ବେଣୀମାଧବ ତ୍ରିପାଠୀ, ଅବନୀକାନ୍ତ ପୁରୋହିତ, ରାଜପୁରୋହିତ ମାନସ ପୁରୋହିତଙ୍କ ସହିତ ଅନ୍ୟାନ୍ୟ କର୍ମକର୍ତ୍ତା, ପ୍ରଦୀପ ଯୋଶୀ, ଅଜୟ ପାଣିଗ୍ରାହୀ, ମୁଖ୍ୟ ପଣ୍ଡିତ କେଶବ ସା, ସୁନୀଲ ପଣ୍ଡା, ଆଶୀଷ ଯୋଶୀ, ଆନନ୍ଦ ମିଶ୍ର ଏବଂ ଅନେକ ସାମାଜିକ ସହଯୋଗୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ସମ୍ପାଦନ କରାଯାଇଥିଲା।

### ଶହୀଦ ଦୀପକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



କୁତ୍ରା,୨୧।୧୧(ଦେବାଶିଷ ସାହୁ): କୁତ୍ରା ବ୍ଲକ ଖୁରାପାଲି ଗ୍ରାମର ଦୀପକ କୁମାର ଟେଟେ କେନ୍ଦ୍ରୀୟ ପୋଲିସ ବାହିନୀରେ ଯୋଗଦେଇ ଇଣ୍ଡୋତିବ୍ବତ ସୀମାନ୍ତରେ କାର୍ଯ୍ୟ କରୁଥିଲେ। ୨୦୨୩ ନଭେମ୍ବର ୧୬ରେ ଛତିଶଗଡ଼ ରାଜ୍ୟରେ ଚାଲିଥିବା ସାଧାରଣ ନିର୍ବାଚନ ସମୟରେ କାର୍ଯ୍ୟରତ ଅବସ୍ଥାରେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ରାଏପୁରର ଏକ ଡାକ୍ତରଖାନାକୁ ତାଙ୍କୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ନଭେମ୍ବର ୨୦ରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ଜନ୍ମମାଟିରେ ତାଙ୍କୁ କେନ୍ଦ୍ରୀୟ ଓ ସୁନ୍ଦରଗଡ଼ ପୋଲିସ ବାହିନୀ ତରଫରୁ ଗାର୍ଡ ଅଫ ଅନର୍ ପ୍ରଦାନ ପରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଗୋଟିଏ ବର୍ଷ ପରେ ଶହୀଦ ଦୀପକଙ୍କ ଗାଁରେ ତାଙ୍କର ଏକ ପ୍ରତିମୂର୍ତ୍ତି ଉନ୍ମୋଚିତ କରାଯାଇଛି। ଫାଦର ଗ୍ଲାକସନ ଡୁଙ୍ଗଡୁଙ୍ଗ ଉପସ୍ଥିତ ରହି ପାରମ୍ପରିକ ରୀତିନୀତି ଅନୁଯାୟୀ ପ୍ରତିମୂର୍ତ୍ତି ସ୍ଥାପନ କରିଥିଲେ। ଏହି ଅବସରରେ ବହୁ ଗ୍ରାମବାସୀଙ୍କ ସମେତ ତାଙ୍କ ମା' ବଲାମଦିନା ଟେଟେ, ଅଜିତ ଟେଟେ, ବିନୀତା ଟେଟେ, ପ୍ରୀତି ଟେଟେ,ଦୀପ୍ତି ଟେଟେ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

### ସରକାରୀ ମହିଳା କଲେଜରେ ବୃତ୍ତି ପରାମର୍ଶ ଅଧିବେଶନ

ସୁନ୍ଦରଗଡ,୨୧।୧୧(ଜୟ ନାରାୟଣ ମେଣ୍ଡୁଲି): ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟରେ ଗୁରୁବାର ବୃତ୍ତି ପରାମର୍ଶ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଶିକ୍ଷା ବିଭାଗର ସହକାରୀ ପ୍ରାଧ୍ୟାପିକା ମୋନାଲିସା ଦାସ ସଭା ସଞ୍ଚାଳନ କରିଥିଲେ। ଆପ୍‌ଟେକ କମ୍ପ୍ୟୁଟର କେନ୍ଦ୍ରର ବରିଷ୍ଠ ବୃତ୍ତି ପରାମର୍ଶଦାତା ଜେମ୍ସ ସି.ସାମୁଏଲ ଯୋଗଦେଇ ବୃତ୍ତିସମ୍ବନ୍ଧୀୟ ବିଭିନ୍ନ ଉନ୍ନତିମୂଳକ ପରାମର୍ଶ ଛାତ୍ରୀମାନଙ୍କୁ ପ୍ରଦାନ କରିଥିଲେ।



ଅନୁଷ୍ଠାନ କର୍ମକର୍ତ୍ତାଙ୍କ ସହ କଳାକାର।

# ଦର୍ଶକଙ୍କ ମନ ମୋହିଲା ସମ୍ବଲପୁରୀ ନୃତ୍ୟ

**ସମ୍ବଲପୁରୀ କଳା ସଂସ୍କୃତି ଅନୁଷ୍ଠାନର ଚତୁର୍ଥ ବାର୍ଷିକ ଉତ୍ସବ**

ବଡ଼ଗାଁ,୨୧।୧୧(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ପାମରା ଗ୍ରାମ ସ୍ଥିତ ସମ୍ବଲପୁରୀ କଳା ସଂସ୍କୃତି ଅନୁଷ୍ଠାନର ଚତୁର୍ଥ ବାର୍ଷିକ ମହୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବାର୍ଷିକ ଉତ୍ସବରେ ବଡ଼ଗାଁର ଜିଲା ପରିଷଦ ସଦସ୍ୟ ଅମୀୟ ପ୍ରଧାନ ମୁଖ୍ୟ ଅତିଥି ଓ ଭାଜପାର ବରିଷ୍ଠ କର୍ମକର୍ତ୍ତା ବସନ୍ତ କୁମାର ସାହୁ, ପାମରା ଗ୍ରାମର ନଳିନ ରଞ୍ଜନ ସାହୁ, ପାମରା ପଞ୍ଚାୟତ ନାଏବ ସରପଞ୍ଚ ଲଳିତ ରାଉତ, ବୌଦ୍ଧରୁ ଆସିଥିବା ସାହିତ୍ୟିକ ସ୍ୱରାଜ କୁମାର କହଁର, ଛତ୍ରମଣି ରୋହିଦାସ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ବଲପୁରୀ କଳା ସଂସ୍କୃତି ଅନୁଷ୍ଠାନର ପ୍ରତିଷ୍ଠାତା ଟୋନିସ ରୋହିଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଜିଲା ସଂଯୋଜକ ଦୁଷ୍ମନ୍ତ ଭୋଇ ପରିଚାଳନା କରିଥିଲେ। ସମ୍ବଲପୁରୀ ଭାଷା ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ୩ବର୍ଷ ହେଲା ସମ୍ବଲପୁରୀ କଳା ସଂସ୍କୃତି ଅନୁଷ୍ଠାନର କାର୍ଯ୍ୟକୁ ଅତିଥିମାନେ ପ୍ରଶଂସା କରିଥିଲେ। ବିଶେଷ କରି ସୁନ୍ଦରଗଡ଼ ଜିଲାର ସମ୍ବଲପୁରୀ ସାହିତ୍ୟର ପ୍ରଚାର ଦିଗରେ ଅନୁଷ୍ଠାନର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସୋନପୁର ବିନକାରୁ ଆସିଥିବା ନୃତ୍ୟ ନିକେତନ ସମ୍ବଲପୁରୀ ଦଳ ଦ୍ୱାରା ପରିବେଷିତ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ପାମରା ଗ୍ରାମର ଛୋଟ ଛୋଟ ଝିଅମାନେ ସମ୍ବଲପୁରୀ ନାଚ ଗୀତ ପରିବେଷଣ କରିଥିଲେ। ଏହି ଅବସରରେ କଳାକାରଙ୍କୁ ଅନୁଷ୍ଠାନ ତରଫରୁ ସମ୍ମାନ ପତ୍ରଦେଇ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ବାର୍ଷିକ ଉତ୍ସବରେ ବିନୋଦ ରାଉତ, ଅନିଲ ରଣା, ଦୀପକ ରୋହିଦାସ,ଚନ୍ଦ୍ରମଣି ରୋହିଦାସ,ବିରଞ୍ଚି ଖିଲାରି, ପ୍ରଶାନ୍ତ ମେହେର, ଚିନ୍ତାମଣି ରଣା, ସମିୟ ବାରିକ ପ୍ରମୁଖ ଯୁବକମାନେ ସହଯୋଗ କରିଥିଲେ।

# ପରିବେଶ, ଖଣିଜ ସମ୍ବନ୍ଧିତ ସଚେତନତା କାର୍ଯ୍ୟକ୍ରମ

ଟେନସା,୨୧।୧୧(ସମୀର କୁମାର ପାଢୀ)

ଭୁବନେଶ୍ୱର ସ୍ଥିତ ସୋସାଇଟି ଅଫ ଜିଓ ସାଇଣ୍ଟିଷ୍ଟ ଆଣ୍ଡ ଆଲାଇଡ ଟେକ୍ନୋଲୋଜିଷ୍ଟ (ଏସଜିଏଟି)ଙ୍କ ତତ୍ତ୍ୱାବଧାନରେ ୨୦୨୩ ନଭେମ୍ବର ୨୨ରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ଟିଆରବି ଆଇରନ ମାଇନ୍ସ ଟେନସାଠାରେ ପରିବେଶ ଓ ଖଣିଜ ସମ୍ବନ୍ଧିତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ୨୪ଟି ବିଦ୍ୟାଳୟର ଛାତ୍ର ଏବଂ ଶିକ୍ଷକମାନେ ଅଂଶଗ୍ରହଣ କରିଥିଲେ। ଅତିଥିଭାବେ କୋଇଡା ଖଣି ଅଫିସର ବସନ୍ତ କୁମାର ସାହୁ, ଭଞ୍ଜ କିଶୋର ସା, ଜିନ୍ଦଲ ଟି ଆର ବି ଖଣି ପ୍ରଶାସନ ବିଭାଗର ଡିଜିଏମ ବିଜୁ ସ୍ୱାଇଁ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଯୁବ ଛାତ୍ରମାନଙ୍କ ମଧ୍ୟରେ ଏପରି ଅଭିନବ ଓ ଆକର୍ଷଣୀୟ କାର୍ଯ୍ୟକ୍ରମ ତଥା ଏହି ଅଞ୍ଚଳର ସାମଗ୍ରିକ ବିକାଶରେ ଅବଦାନ ପାଇଁ ଏସଜିଏଟିକୁ ଅତିଥିମାନେ ପ୍ରଶଂସା କରିଥିଲେ। ଖଣି ଅଞ୍ଚଳର ଛାତ୍ରୀଛାତ୍ରମାନଙ୍କୁ ଖଣିଜ ପଦାର୍ଥର ମହତ୍ତ୍ୱ ତଥା ଏହାର ଆଖପାଖ ପରିବେଶ ବିଷୟରେ ଜାଣିବା ତଥା ସଚେତନ ହେବା ପାଇଁ ଏସଜିଏଟି ମାଧ୍ୟମରେ ଓଡ଼ିଶା ସରକାରଙ୍କ ଏଭଳି ଉଦ୍ୟମକୁ ପ୍ରଶଂସନୀୟ ବୋଲି ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକମାନେ ପ୍ରକାଶ କରିଥିଲେ। ଏସଜିଏଟି ସାଧାରଣ ସମ୍ପାଦକ ତ୍ରିଲୋଚନ ମହନ୍ତ, ତାପସ କୁମାର ରଥ ପ୍ରତିନିଧିତ୍ୱ କରିଥିଲେ। ପରିବେଶ ଓ ଖଣିଜ ସମ୍ବନ୍ଧିତ ସଚେତନତା କାର୍ଯ୍ୟକ୍ରମ ଉପରେ ଛାତ୍ରୀଛାତ୍ର ମାନଙ୍କ ମଧ୍ୟରେ ପ୍ରବନ୍ଧ ଲେଖା, କୁଇଜ ଭଳି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଜିନ୍ଦଲ ଷ୍ଟିଲ ପାୱାର ଟିଆରବି ଖଣିର ମ୍ୟାନେଜର ଏସ .ପି ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ଜିନ୍ଦଲ ଖଣି ପି.କେ ନାୟକ, ଅଭିନାଶ ଲେଙ୍କା, ରଶ୍ମି ରଞ୍ଜନ ନାୟକ, ଅନୁପ କୁମାର,ମନୁ ଏକ୍କା, ପ୍ରମୁଖ ପରିଚାଳନା କରିଥିଲେ ।



ସଚେତନତା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର।

# ବର୍ଜ୍ୟବସ୍ତୁରୁ କଳାକୃତି ପ୍ରସ୍ତୁତିରେ ସୁନ୍ଦରଗଡ଼ ରାଜ୍ୟ ସ୍ତରରେ ପୁରସ୍କୃତ

**ଜିଲା ସ୍ତରୀୟ ବିଶ୍ୱ ଶୌଚାଳୟ ଦିବସ ପାଳିତ**

ସୁନ୍ଦରଗଡ଼, ୨୧।୧୧(ଜୟନାରାୟଣ ମେଣ୍ଡୁଲି)



ସ୍ଥାନୀୟ ବିକାଶ ଭବନଠାରେ ବୁଧବାର ବିଶ୍ୱ ଶୌଚାଳୟ ଦିବସ ପାଳିତ ହୋଇଯାଇଛି। ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଅନ୍ତର୍ଗତ ବର୍ଜ୍ୟବସ୍ତୁରୁ ଉତ୍ତମ କଳାକୃତି ପ୍ରସ୍ତୁତି ନିମନ୍ତେ ସୁନ୍ଦରଗଡ଼ ଜିଲା ରାଜ୍ୟ ସ୍ତରରେ ପୁରସ୍କୃତ ହୋଇଛି। ବର୍ଜ୍ୟବସ୍ତୁର ଏହି ଉତ୍ତମ କଳାକୃତି ପ୍ରସ୍ତୁତି ଗୁରୁଣ୍ଡିଆ ବ୍ଲକ ପକ୍ଷରୁ କରାଯାଇଥିଲା। ରାଜ୍ୟ ସ୍ତରୀୟ ବିଶ୍ୱ ଶୌଚାଳୟ ଦିବସ ପାଳନ ଅବସରରେ ମଙ୍ଗଳବାର ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ବୁଧବାର ଆୟୋଜିତ ଏହି ଜିଲା ସ୍ତରୀୟ କାର୍ଯ୍ୟକ୍ରମରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସେ ଜିଲାର ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ପ୍ରତ୍ୟେକ ବ୍ୟକ୍ତି ଶୌଚାଳୟ ବ୍ୟବହାର ଦ୍ୱାରା ହିଁ ବହୁ ରୋଗ ଦାଉରୁ ରକ୍ଷା ପାଇପାରିବେ ବୋଲି ପ୍ରକାଶ କରିଥିଲେ। ସେହିଭଳି ଜିଲାରେ ଶୌଚାଳୟ ନିର୍ମାଣର ସ୍ଥିତି, ଶୌଚାଳୟଗୁଡ଼ିକର ମରାମତି, ଗୋଷ୍ଠୀ ଶୌଚାଳୟ ଆଦି ଉପରେ ନିଜର ବକ୍ତବ୍ୟ ରଖିଥିଲେ। ସେହିପରି ଘରର ଶୌଚାଳୟ ଏବଂ ଗୋଷ୍ଠୀ ଶୌଚାଳୟ ଆଦିର ସ୍ୱଚ୍ଛତା ତଥା ସୌନ୍ଦର୍ଯ୍ୟକରଣ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ପ୍ରତ୍ୟେକ ବ୍ୟକ୍ତି କିଭଳି ଶୌଚାଳୟ ବ୍ୟବହାର କରିବେ ସେନେଇ ବ୍ୟାପକ ଜନ ସଚେତନତା ସୃଷ୍ଟି କରାଯିବା ନେଇ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଶୌଚାଳୟ ବ୍ୟବହାର, ଶୌଚାଳୟକୁ ସ୍ୱଚ୍ଛ ରଖିବା, ଖୋଲାରେ ମଳତ୍ୟାଗ କରୁଥିବା ଜନସାଧାରଣଙ୍କୁ ନିରନ୍ତର ଶିକ୍ଷା ପ୍ରଦାନ, କଠିନ ଓ ତରଳ ବର୍ଜ୍ୟବସ୍ତୁର ପୃଥକୀକରଣ ଏବଂ ପରିଚାଳନା, ବର୍ଜ୍ୟବସ୍ତୁରୁ ସମ୍ପଦ ସୃଷ୍ଟି, ବିଦ୍ୟାଳୟ, ଅଙ୍ଗନୱାଡ଼ିଗୁଡିକରେ ସ୍ୱଚ୍ଛ ଶୌଚାଳୟ ବ୍ୟବହାର, ଶୌଚାଳୟ ବ୍ୟବହାର ପରେ ହାତକୁ ପରିଷ୍କାର ଭାବେ ଧୋଇବା, ପରିଚ୍ଛନ୍ନତା ଅବଲମ୍ବନ କରିବା ଆଦି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ, ଜିଲା ଶିକ୍ଷା ଅଧିକାରୀ, ଜିଲା ସମାଜ ମଙ୍ଗଳ ଅଧିକାରୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କନିଷ୍ଠ ଯନ୍ତ୍ରୀ,ସ୍ୱଚ୍ଛ ସାଥୀ, ବ୍ଲକ ରିସୋର୍ସ କୋର୍ଡିନେଟରମାନେ ଉପସ୍ଥିତ ଥିଲେ। ଏହି ଅବସରରେ ହିତାଧିକାରୀମାନଙ୍କୁ ଶୌଚାଳୟ ନିର୍ମାଣ ପାଇଁ ଆଦେଶ ପତ୍ର ପ୍ରଦାନ କରାଯାଇଥିଲା।

### ଜିଲା ଲକ୍ଷେ ଘର ସମାଜ ଟାଙ୍ଗରପାଲି ବ୍ଲକ କମିଟି ଗଠିତ

ସୁନ୍ଦରଗଡ,୨୧।୧୧( ଜୟ ନାରାୟଣ ମେଣ୍ଡୁଲି)

ଜିଲା ଲକ୍ଷେ ଘର ସମାଜ ସଭାପତି ପ୍ରଫୁଲ୍ଲ ସୁନ୍ୟାନିଙ୍କ ଆହ୍ୱାନ କ୍ରମେ ଆଗାମୀ ଜାତି ମହାସଭାକୁ ସଫଳ କରିବା ପାଇଁ ପ୍ରତ୍ୟେକ ବ୍ଲକରେ ବ୍ଲକ କମିଟି ନବୀକରଣ (ପୁନର୍ଗଠନ) କରିବା ସହିତ ସଙ୍ଗଠନକୁ ମଜଭୁତ କରାଯାଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଟାଙ୍ଗରପାଲି ବ୍ଲକ କମିଟି ଗଠନ ପାଇଁ ଜିଲା କମିଟି ତରଫରୁ କାର୍ଯ୍ୟକାରୀ ସଭାପତି ବିସାମ୍ବର ମହାନନ୍ଦିଆ, ଲବନୀ ବାଗ, ସାଧାରଣ ସମ୍ପାଦକ ଲଲିନ୍ଦ୍ର ସିଂ, ସୁନ୍ଦରଗଡ ନଗର ସଭାପତି ସୁନୀଲ ମହାନନ୍ଦିଆ, ଉପସଭାପତି କାଲୋ ସିଂଙ୍କ ଉପସ୍ଥିତିରେ ସୂର୍ଡା ଗ୍ରାମ ଶିବ ମନ୍ଦିର ପରିସରରେ ନୂତନ ବ୍ଲକ କମିଟି ଗଠନ କରାଯାଇଛି। ଏହି କମିଟିରେ ନୂତନ ସଭାପତି ଭାବେ ସହଦେବ ବୁଡ଼ା, ଉପସଭାପତି ଘନଶ୍ୟାମ ଦେହୁରିଆ ଓ ଦିଲୀପ ବେସନ, ସମ୍ପାଦକ ଜିତେନ୍ଦ୍ର ବାଗ, ଯୁଗ୍ମ ସମ୍ପାଦକ କୀର୍ତ୍ତିରାମ ବାଦି, କୋଷାଧକ୍ଷ ଛନ୍ଦାମୋହନ ଗୋସାଇଁ, ଯୁଗ୍ମ କୋଷାଧକ୍ଷ ସୁବୋଧ ବେସନ, ମହିଳା ମୋର୍ଚ୍ଚା ପାଇଁ ନାରୀ ନେତ୍ରୀ ରେବତୀ ବେସନଙ୍କୁ ନିର୍ବାଚିତ କରାଯାଇଛି। ଶେଷରେ ଡ. ବାବାସାହେବ ଆମ୍ବେଡକର ଅମର ରହେଉ ନାରା ଦେଇ ସଭା ସାଙ୍ଗ କରାଯାଇଥିଲା।

# ବଡ଼ଗାଁ ପୋଲିସ ପକ୍ଷରୁ ସାଇବର ସଚେତନତା

ବଡ଼ଗାଁ,୨୧।୧୧(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ପୋଲିସ ପକ୍ଷରୁ ଗୁରୁବାର ଜନସାଧାରଣଙ୍କୁ ସାଇବର ଠକେଇ ଅପରାଧ ଉପରେ ସଚେତନ କରାଯିବା ସହ ଲିଫ୍‌ଲେଟ ବଣ୍ଟନ କରାଯାଇଛି। ପୂର୍ବାହ୍ନରେ ଆଇଆଇସି ଆଶିଷ କୁମାର ଜେନା, ଏଏସ୍‌ଆଇ ଅରୂପାନନ୍ଦ ଦାସ, ଶ୍ରୀକାନ୍ତ ପଣ୍ଡାଙ୍କ ସହିତ ପୋଲିସ କର୍ମଚାରୀ ଦୋକାନ ବଜାର, ବିଭିନ୍ନ କାର୍ଯ୍ୟାଳୟକୁ ଯାଇ ସାଇବର ଠକେଇ ଉପରେ ଲୋକେ ସଚେତନ ହେବାକୁ ବୁଝାଇଥିଲେ। ସୋସିଆଲ ମିଡିଆ ବ୍ୟବହାର କରିବା ସମୟରେ ସତର୍କତା, ଅନ୍‌ଲାଇନ ଶପିଂ ସମ୍ପର୍କିତ ସତର୍କତା, ଅନ୍ ଲାଇନ ଆର୍ଥିକ କାରବାରରେ ସତର୍କତା, ସାଇବର ସ୍ପେସ୍‌ରେ କିପରି ପିଲାଙ୍କ ସୁରକ୍ଷା ନିଶ୍ଚିତ କରିବେ, ଅପ୍‌ଡେଟ ଠକେଇ, ସର୍ଚ୍ଚ ଇଞ୍ଜିନ ବ୍ୟବହାର ଠକେଇ, ଅନ୍‌ଲାଇନ ଚାକିରି ଦେବାକୁ କହି ଠକେଇ, ଲୋନ ଆପ୍ ଠକେଇ, ଉପହାର ଦେବା ନାଁରେ ଠକେଇ ଆଦି ବିଭିନ୍ନ ଉପାୟରେ ହେଉଥିବା ଠକେଇ, ଅପରାଧ ଉପରେ ଲୋକଙ୍କୁ ବୁଝାଇ କିପରି ସୁରକ୍ଷିତ ରହିବେ ସେ ସମ୍ବନ୍ଧରେ ତଥ୍ୟ ଥିବା ଲିଫ୍‌ଲେଟ ବଣ୍ଟନ କରିଥିଲେ।



ବଡ଼ଗାଁ ଥାନା ପୋଲିସ ପକ୍ଷରୁ ସାଇବର ସଚେତନତା କରାଯାଉଛି।

# ଜିଲା ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ସୁନ୍ଦରଗଡ଼,୨୧।୧୧(ଜୟ ନାରାୟଣ ମେଣ୍ଡୁଲି)

ଧାନର ମାନ ଉପରେ ଜିଲା ସ୍ତରୀୟ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗୁରୁବାର ସଦର ମହାକୁମାସ୍ଥିତ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧାନ ମଣ୍ଡିରେ ଅଂଶ ଗ୍ରହଣ କରିବାକୁ ଯାଉଥିବା ସମବାୟ ସମିତି, ସ୍ୱୟଂ ସହାୟକ ଗୋଷ୍ଠୀ, ସମିତି ସ୍ତରୀୟ ଧାନ ସଂଗ୍ରହ କମିଟିର ସଦସ୍ୟ, ଉପସ୍ଥିତ ଚାଷୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରଶିକ୍ଷକଙ୍କ ଜରିଆରେ ମଣ୍ଡିରେ ବ୍ୟବହୃତ ଉପକରଣଗୁଡିକର ବ୍ୟବହାର ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ଜିଲା ଯୋଗାଣ ଓ ସମବାୟ ବିଭାଗର ମିଳିତରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚାଷୀଙ୍କ ଭିତରେ ଏଫ ଏ କ୍ୟୁ ଧାନ ଉପରେ ସଚେତନତା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

# ଲେଫ୍ରିପଡା ରାଜ୍ୟର ସର୍ବଶ୍ରେଷ୍ଠ ଲ୍ୟାମ୍ପସ

ସୁନ୍ଦରଗଡ,୨୧।୧୧(ଜୟ ନାରାୟଣ ମେଣ୍ଡୁଲି)



ସୁନ୍ଦରଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ସର୍ଗିପାଲି ଶାଖା ଅଧୀନରେ ଥିବା ଲେଫ୍ରିପଡା ଲ୍ୟାମ୍ପସକୁ ଏହାର ଉଲ୍ଲେଖନୀୟ ସଫଳତା ପାଇଁ ରାଜ୍ୟର ଶ୍ରେଷ୍ଠ ଲ୍ୟାମ୍ପସର ମାନ୍ୟତା ମିଳିଛି। ନିକଟରେ ରାଜ୍ୟ ସମବାୟ ୟୁନିୟନର ସଭାନେତ୍ରୀ ପ୍ରଭାସିନୀ ଷଡଙ୍ଗୀଙ୍କ ସଭାପତିତ୍ୱରେ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଓ ସମ୍ମାନିତ ଅତିଥି ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କଠାରୁ ଲ୍ୟାମ୍ପସ ସଭାପତି ସୁନୀଲ କାଲୋ ଏବଂ ପରିଚାଳନା ନିର୍ଦ୍ଦେଶକ ଶିଶିର କୁମାର ପଟେଲ ପୁରସ୍କାର ଗ୍ରହଣ କରିଥିଲେ। ସେହିପରି ଜିଲାର ସମବାୟ ୟୁନିୟନ ଦ୍ୱାରା ଆୟୋଜିତ ୭୧ତମ ଜିଲାସ୍ତରୀୟ ସମବାୟ ସପ୍ତାହ ପାଳନର ଉଦ୍‌ଯାପନୀ ଦିବସରେ ମଧ୍ୟ ଜିଲାର ସର୍ବଶ୍ରେଷ୍ଠ ଲ୍ୟାମ୍ପ ଭାବେ କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମଙ୍କ ଠାରୁ ପୁରସ୍କାର ଗ୍ରହଣ କରିଛନ୍ତି। ଲ୍ୟାମ୍ପସର ଏହି ସଫଳତା ପାଇଁ ଲେଫ୍ରିପଡା ଲ୍ୟାମ୍ପସ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଲ୍ୟାମ୍ପସ ପରିଚାଳନା କମିଟି ସଦସ୍ୟ ବିମଳ ପଟେଲ, କୌତୁକ ଚୌଧୁରୀ, ବଚନ ପ୍ରଧାନ, ଉଦିତ ନାଏକ, ଦେଶରଞ୍ଜନ ପଟେଲ, ମୀନକେତନ ନାଏକ, ପ୍ରଦୀପ ନାଏକ, ଗୋପାଳ ପ୍ରଧାନ,କେଦାରନାଥ ସିଂ ଓ କୈଳାସ କାଲୋ ଖୁସିବ୍ୟକ୍ତ କରି ଆଗାମୀଦିନରେ ମଧ୍ୟ ଏହି ଧାରା ବଜାୟ ରହିବ ବୋଲି କହିଛନ୍ତି। ସର୍ଗିପାଲି ଶାଖା ପରିଚାଳକ ରୋହିତ କୁମାର ପଟେଲ ଲ୍ୟାମ୍ପସର ପ୍ରଗତି କ୍ଷେତ୍ରରେ ଆବଶ୍ୟକ ହେଉଥିବା ବ୍ୟାଙ୍କ ତରଫରୁ ସମସ୍ତେ ପ୍ରକାର ସହଯୋଗ କରାଯିବ ବୋଲି କହିଛନ୍ତି। ମାତ୍ର ୨ଦିନ ବ୍ୟବଧାନରେ ୨ଟି ପୁରସ୍କାର ପାଇଥିବାରୁ ଲ୍ୟାମ୍ପସର କର୍ମଚାରୀ କିଶୋର ଚନ୍ଦ୍ର ଗର୍ଡିଆ, ଜୟନ୍ତ ବହିଦାର, ଯଜ୍ଞ ନାରାୟଣ ଛତର, ଫୁଲେନ୍ଦ୍ର ପୃଷେଠ ଓ ପବିତ୍ର ରାଉତ ଆନନ୍ଦ ପ୍ରକାଶ କରିଛନ୍ତି ଓ ଚାଷୀ ମାନଙ୍କ ସେବାରେ ତାଙ୍କର କାର୍ଯ୍ୟ ଧାରା ପୂର୍ବବତ ବଜାୟ ରହିବ ବୋଲି ପ୍ରକାଶ କରିଛନ୍ତି।

# ଜିଲାପାଳଙ୍କୁ ଭେଟିଲା କଂଗ୍ରେସ ପ୍ରତିନିଧି ଦଳ

**ଜିଲା ମୁଖ୍ୟ ଡାକ୍ତରଖାନାର ବିଭିନ୍ନ ସମସ୍ୟା ନେଇ ଆଲୋଚନା**

ସୁନ୍ଦରଗଡ,୨୧।୧୧(ଜୟ ନାରାୟଣ ମେଣ୍ଡୁଲି)

ଜିଲା ମୁଖ୍ୟ ଡାକ୍ତରଖାନାର ବିଭିନ୍ନ ସମସ୍ୟାର ସମାଧାନ ନେଇ ଜିଲା କଂଗ୍ରେସର ଏକ ପ୍ରତିନିଧି ଦଳ ଗୁରୁବାର ଜିଲାପାଳ ମନୋଜ ମହାଜନଙ୍କୁ ଭେଟି ଆଲୋଚନା କରିଥିଲେ। ଏଥିସହିତ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରିଥିଲେ। ଏହି ଡାକ୍ତରଖାନା ଉପରେ ସୁନ୍ଦରଗଡ ତଥା ପଡୋଶୀ ଜିଲା ଝାରସୁଗୁଡା, ଛତିଶଗଡ଼ ଓ ଝାଡ଼ଖଣ୍ଡର ଲୋକେ ନିର୍ଭର କରିଥାନ୍ତି। ହେଲେ ଏଠାରେ କାର୍ଯ୍ୟରତ ଅଧିକାଂଶ ଡାକ୍ତର ଘରୋଇ ନର୍ସିଂହୋମ ଓ କ୍ଲିନିକ ମୁହାଁ ହେଉଥିବାରୁ ଏଠକୁ ଭରସା କରି ଦୈନନ୍ଦିନ ଦୂରଦୁରାନ୍ତରୁ ଆସୁଥିବା ରୋଗୀ ହଇରାଣ ହେଡ଼ାକୁ ପଡୁଛି। ଡାଏଲିସିସ କେନ୍ଦ୍ରରେ ଚିକିତ୍ସା ପାଇଁ ୯ଜଣଙ୍କ ବ୍ୟବସ୍ଥା ଥିବା ବେଳେ ଏହି ସଂଖ୍ୟାକୁ ଅତି କମରେ ୧୫ ଜଣଙ୍କ ପାଇଁ ଚିକିତ୍ସା ସୁବିଧା ଯୋଗାଇ ଦେବା ତଥା ହେପାଟାଇଟିସ -ବି ପାଇଁ ସ୍ୱତନ୍ତ୍ର କ୍ୟାବିନ ସୁବିଧା କରିବା ପାଇଁ ଦାବି କରାଯାଇଥିଲା। ରୋଗୀଙ୍କ ପରିଜନ ଓ ସହଯୋଗୀଙ୍କ ରହଣୀ ବ୍ୟବସ୍ଥା ଓ କ୍ୟାଣ୍ଟିନ କରିବାକୁ ଏହି ପ୍ରତିନିଧି ଦଳ ଆଲୋଚନା କରିଥିଲେ। ଏଠାରେ ଏକମାତ୍ର ଆଇସିୟୁ ଥିଲେ ମଧ୍ୟ ଏହା ଯଥେଷ୍ଟ ହେଉ ନ ଥିବାରୁ ଆଉ ଏକ ଉନ୍ନତ ମାନର ଆଇସିୟୁରେ ଭ୍ୟାଣ୍ଟିଲେଟର ଓ ଅନ୍ୟାନ୍ୟ ସୁବିଧା କରାଯିବାସହ ଏହିଭଳି ଉନ୍ନତ ମାନର ଏମଆରଆଇର ସୁବିଧା ଯୋଗାଇ ଦେବାପାଇଁ ଜିଲାପାଳଙ୍କଠାରେ ଦାବି କରିଥିଲେ। ଜିଲାପାଳ ଏହି ପ୍ରତିନିଧି ଦଳ ସହିତ ବିସ୍ତୃତ ଭାବେ ଆଲୋଚନା ପରେ ଏଦିଗରେ ଯଥାଶୀଘ୍ର ପଦକ୍ଷେପନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ଜିଲା କଂଗ୍ରେସର ବରିଷ୍ଠ ନେତୃବର୍ଗ ଅଜିତ ପ୍ରସାଦ, ପର୍ଶୁରାମ ସରାଫ, ଅଶୋକ ପ୍ରସାଦ, ଦେବାଶିଷ ଦିପ୍ସ, ମୁନୁ ସରାଫ, ଆଡଭୋକେଟ କମଳ ସେନ, ପ୍ରଣବ ସିଂ, ଭୀଷ୍ମ ଦେବ ସିଂ, ରଞ୍ଜନ ସୋରେଙ୍ଗ, ପୁରୁଷୋତ୍ତମ ପ୍ରଧାନ, ଦୀନବନ୍ଧୁ ନାଏକ, ଅରୁଣା ଅଡ୍ଡା, ରାଜେନ୍ଦ୍ର ପଟେଲ, ଦିବ୍ୟଲୋଚନ ପଟେଲ, ସଞ୍ଜୀବ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

# ସୁରଟରୁ ୪ ସାଇବର ଠକ ଗିରଫ, ୨ଲକ୍ଷ ଟଙ୍କା ଜବତ

ଝାରସୁଗୁଡ଼ା,୨୧।୧୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ପୋଲିସ ଗତ ମେ'ରେ ହୋଇଥିବା ୩୪ ଲକ୍ଷ ଟଙ୍କାର ସାଇବର ଠକେଇ ଘଟଣାରେ ୪ଜଣ ଠକଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କୁ ଗୁଜୁରାଟର ସୁରଟରୁ ଶାହରୁଖ ଉମର(୨୭), ଶରଦ ଶୁଖଲାଲ ମାଳି (୨୫), ରହିଲ ଶେଖ (୨୪), ମଲେକ ସାହାରୁ (୨୬)ଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୨୦ଟି ଫୋନ, ୩ଟି ଲାପଟପ, ୩ଟି କମ୍ପ୍ୟୁଟର, ନଗଦ ୨ଲକ୍ଷ ଟଙ୍କା ଜବତ କରାଯାଇଛି ବୋଲି ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ ଲାଲ ଓ ଆରକ୍ଷୀ ଅଧୀକ୍ଷକ ସ୍ମିତ ପି ପରମାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଉତ୍ତରାଞ୍ଚଳ ପୋଲିସ ଆଇଜି କହିଥିଲେ ଯେ, ଗିରଫ ସାଇବର ଠକମାନେ ଅଭିଯୋଗକାରୀ କରଭାଲ ଭରଦ୍ୱାଜଙ୍କୁ ମେ ମାସରେ ଫୋନ କରି ଆମେ ଆଇନ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀ। ଆପଣଙ୍କ ନାମରେ ମନି ଲଣ୍ଡ୍ରି କେସ ହୋଇଛି। ଆପଣ ଡିଜିଟାଲ ଆରେଷ୍ଟ ହୋଇ ସାରିଛନ୍ତି ବୋଲି କହି ଧମକାଇ ଥିଲେ। ଆପଣ ଯଦି ବ୍ୟାଙ୍କ ଖାତା ଓ ଆପଣଙ୍କ ସମସ୍ତ ବିବରଣୀ ଦେଲେ ସହାୟତା କରିପାରିବୁ ବୋଲି କହିଥିଲେ। ଭରଦ୍ୱାଜ ତାଙ୍କର ସମସ୍ତ ତଥ୍ୟ ସେମାନଙ୍କୁ ଦେଇଥିଲେ। ଏହାପରେ ସେମାନେ ସଙ୍ଗେ ସଙ୍ଗେ ୨ଟି ପର୍ଯ୍ୟାୟରେ ତାଙ୍କ ବ୍ୟାଙ୍କ ଖାତାରୁ ୩୪ଲକ୍ଷ ଟଙ୍କା ଟ୍ରାନ୍ସଫର କରି ନେଇଥିଲେ। ଏ ସମ୍ପର୍କରେ ଭରଦ୍ୱାଜ ଜାଣିବା ପରେ ସଦର ଥାନାରେ ଅଭିଯୋଗ କରିଥିଲେ। ଝାରସୁଗୁଡା ପୋଲିସ ସମସ୍ତ ଡିଜିଟାଲ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଝାରସୁଗୁଡା



ଖବରଦାତା ସମ୍ମିଳନୀରେ ଉତ୍ତରାଞ୍ଚଳ ପୋଲିସ ଆଇଜି ଓ ଏସ୍‌ପି ସୂଚନା ଦେଉଛନ୍ତି।

### ୩୪ ଲକ୍ଷ ଟଙ୍କା ସାଇବର ଠକେଇ ଘଟଣା

ସାଇବର ସେଲ ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। ପୋଲିସ ସବୁବେଳେ ଗୁଜୁରାଟ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଓ ଆନ୍ଧ୍ରପ୍ରଦେଶରେ ଅଭିଯୁକ୍ତମାନେ ଥିବା ସନ୍ଦେହ କରୁଥିଲା। ଶେଷରେ ଗୁଜୁରାଟର ସୁରଟରୁ ଗିରଫ କରିଥିଲା। ଅଭିଯୋକାରୀଙ୍କ ବ୍ୟାଙ୍କ ଖାତାଙ୍କୁ ୧୪ ଲକ୍ଷ ଟଙ୍କା ପଠାଯାଇଥିବା ବେଳେ ୧୭ ଲକ୍ଷ ଟଙ୍କା ଫ୍ରିଜ ହୋଇଛି ବୋଲି ଖବରଦାତା ସମ୍ମିଳନୀରେ ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ ଓ ଏସ୍‌ପି ସୂଚନା ଦେଇଛନ୍ତି। ଉତ୍ତରାଞ୍ଚଳ ପୋଲିସ ଆଇଜି ଏବଂ ଅରକ୍ଷୀ ଅଧୀକ୍ଷକ ଏପରି ଠକୁଥିବା ଫୋନ କଲ ଏବଂ ମେସେଜଠାରୁ ଦୂର ରହିବା ପାଇଁ ପରାମର୍ଶ ଦେଇଛନ୍ତି। ପୋଲିସର ସହାୟତା ନେବା ପାଇଁ ଜନସାଧାରଣଙ୍କୁ ସେ ନିବେଦନ କରିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଆଲୋକ


@ ଭୋଲେଶ୍ୱର


@ ରାକେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ଝାରସୁଗୁଡ଼ା,୨୧।୧୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ମଙ୍ଗଳବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବ ୨୧ ଓ ୨୨ ତାରିଖ ଦୁଇ ଦିନ ଧରି ଚାଲିବ। କ୍ରୀଡ଼ା ଉତ୍ସବରେ ଶିଶୁ ବିଦ୍ୟା ମନ୍ଦିରର ପ୍ରାୟ ୬୦୦ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହା ସକାଳ ୮ଟାରୁ ଆରମ୍ଭ ହୋଇ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାଲିଥିଲା। ଲମ୍ଫଡିଆଁ, ଉଚ୍ଚଡିଆଁ, ଜାଭେଲିନ ଥ୍ରୋ, ଡିସ୍କସ ଥ୍ରୋ, ଦୌଡ଼, ତଥା ବହୁତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଝାରସୁଗୁଡା ମ୍ୟୁନିସିପାଲିଟି ଅଧକ୍ଷା ରାନୀ ହାତୀ ମୁଖ୍ୟଅତିଥି, ବରିଷ୍ଠ ଓକିଲ ଦୀନେଶ ଜୈନ ସମ୍ମାନିତ ଅତିଥି, ପରିଚାଳନା କମିଟିର ଚନ୍ଦନ ଦିବାନିଆ, ସୁଭାଷ ସଂଘାଇ, ବିବେକ କେଜ୍ରିୱାଲ, ବନ୍ଦନା ମୁନ୍ଦ୍ରା ଯୋଗଦେଇଥିବା ବେଳେ ଶିଶୁ ବିଦ୍ୟା ମନ୍ଦିର ଅଧକ୍ଷ ବାବୁଲାଲ ସାହୁ ଅତିଥି ପରିଚୟ ପ୍ରଦାନ କରି ଥିବାବେଳେ ଦିଲୀପ ସତପଥି ଏବଂ ବଂଶୀଧର ସାହୁ ଉଦଯାପନୀ ସଂଗୀତ ପ୍ରସ୍ତୁତି କରିଥିଲେ। ଏହି କ୍ରୀଡ଼ା ଉତ୍ସବରେ ବିଦ୍ୟା ମନ୍ଦିରର ସମସ୍ତ ଗୁରୁଜୀ, ଗୁରୁମା, ଛାତ୍ରୀଛାତ୍ର, ଅଭିଭାବକମାନେ ଉପସ୍ଥିତ ଥିଲେ। ଶୁକ୍ରବାର ଉଦ୍‌ଯାପନୀ ଉତ୍ସବରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯିବ।

# ନୂତନ ଜ୍ଞାନକୌଶଳ ପଦ୍ଧତି ବ୍ୟବହାର ଉପରେ ଗୁରୁତ୍ୱ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଦେବଗଡ଼,୨୧।୧୧(ଶଶାଙ୍କ ଶେଖର ଝାଙ୍କର)

### ଜିଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ପାଳିତ

ଜିଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ଗୁରୁବାର ଜିଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ପାଳିତ ହୋଇଯାଇଛି। ଜିଲା ମତ୍ସ୍ୟ ଅଧିକାରୀ କୁଟିଳ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଅନ୍ତର୍ଯ୍ୟାମୀ ସାହୁ, ଅତିରିକ୍ତ ପ୍ରାଣୀ ସମ୍ପଦ ଅଧିକାରୀ ଡ.ଦୀପକ କୁମାର ମହନ୍ତ, ସହକାରୀ କୃଷି ଯନ୍ତ୍ରୀ ବିଜୟ ଲକ୍ଷ୍ମୀ ନାଏକ, ବ୍ଲକ୍ କୃଷି ଅଧିକାରୀ ତିଲେଇବଣି ମନୋଜ୍ କୁମାର ମାରଣ୍ଡି, ଜିଲା ପଞ୍ଚାୟତ ଅଧିକାରୀ ହେମନ୍ତ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ବେହେରା ମତ୍ସ୍ୟ ଚାଷୀମାନଙ୍କୁ କମ ପଇସା ବିନିଯୋଗ କରି ଅଧିକ ଲାଭ କରିବା ପାଇଁ ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ପରାମର୍ଶ ଦେଇଥିଲେ। ମତ୍ସ୍ୟ ଚାଷୀ ନୂତନ ଜ୍ଞାନ କୌଶଳ ପଦ୍ଧତି ଓ ତଳିଆ ଜମିରେ ମାଛ ଚାଷ ଧାନ କ୍ଷେତରୁ ମତ୍ସ୍ୟ ପୋଖରୀ ନିର୍ମାଣ, ମହିଳା ସଶକ୍ତିକରଣ ଓ ବିକାଶ ଉପରେ ଗୁରୁତ୍ୱରୋପ କରିଥିଲେ। ଏହି ଦିବସରେ ଜିଲାରୁ ଶ୍ରେଷ୍ଠ ମତ୍ସ୍ୟ ଉଦ୍ୟଗୀ ରିଆମାଳ ବ୍ଲକର ଦିବ୍ୟଜ୍ୟୋତି ପ୍ରଧାନ ସିମୀଲିତା, ଚୋରାଙ୍ଗା ନାଏକ ଦେହୁରିପାଲ୍, ବାରକୋଟ ବ୍ଲକ୍‌ର ରୁକମଣିବାଲା ନାଏକ କାଦୋପଡ଼ା, ରମାଦେବୀ ପ୍ରାଥମିକ ମତ୍ସ୍ୟ ସମବାୟ ସମିତି ମାଁ ତୁଳସୀ ସ୍ୱୟଂ ସହାୟତା ଗୋଷ୍ଠି ଗୁଣ୍ଡୁରିପୋଷିକୁ ମୁଖ୍ୟଅତିଥି ଓ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଶେଷରେ ସହକାରୀ ମତ୍ସ୍ୟ ଅଧିକାରୀ ଭୂପେନ୍ଦ୍ର ପ୍ରସାଦ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

# ନୂତନ ସ୍ୱେଚ୍ଛାସେବୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




ଦେବଗଡ଼,୨୧।୧୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ସୁଗୁଡାସ୍ଥିତ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂତନ ସ୍ୱେଚ୍ଛାସେବୀଙ୍କ ନିମନ୍ତେ ଗୁରୁବାର ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ଯୁବ ରେଡ୍‌କ୍ରସ କାଉନସିଲର ବିଜୟ କୁମାର ଶତପଥିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅନୁଷ୍ଠାନର ଅଧକ୍ଷ ସନ୍ତୋଷ କୁମାର ଦେବତା ଯୋଗଦେଇ ଯୁବ ରେଡ୍‌କ୍ରସର ଇତିହାସ, ମୌଳିକ ନୀତି ଓ ସ୍ୱେଚ୍ଛାସେବୀମାନଙ୍କ ଭୂମୀକା ଉପରେ ଆଲୋକପାତ କରିଥିଲେ। ଯୁବ ରେଡକ୍ରସ କାଉନସିଲର ଶତପଥି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ବନ୍ଧରେ ସୂଚନା ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ କ୍ରୀଡା ଶିକ୍ଷକ କାଶୀନାଥ ଶବର ଓ ଗ୍ରନ୍ଥାଗାରିକ କିଶୋର ଚନ୍ଦ୍ର ମହାକୁଳ ମଞ୍ଚାସୀନ ଥିଲେ। ଏହି ଅବସରରେ ନୂତନ ସ୍ୱେଚ୍ଛାସେବୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହ ରେଡ୍‌କ୍ରସର ଶପଥ ଗ୍ରହଣ କରାଯାଇଥିଲା। ଶେଷରେ କ୍ରୀଡା ଶିକ୍ଷକ ଶବର ଧନ୍ୟବାଦ ଅର୍ପଣ କରିଥିଲେ।

# ବଣ୍ଟନ ସାମଗ୍ରୀ, ବିଭିନ୍ନ ପ୍ରସଙ୍ଗର ସମୀକ୍ଷା

ଦେବଗଡ଼,୨୧।୧୧(ଶଶାଙ୍କ ଶେଖର ଝାଙ୍କର)

ରାଜ୍ୟ ଖାଦ୍ୟ ଆୟୋଗ ଅଧକ୍ଷ ଅବନିକାନ୍ତ ସାହୁ ଗୁରୁବାର ତିନି ଦିନିଆ ଦେବଗଡ଼ ଗସ୍ତରେ ଆସିଛନ୍ତି। ସେ ରିଆମାଳ ଓ ତିଲେଇବଣି ବ୍ଲକ୍‌ର ସ୍କୁଲ ପରିଦର୍ଶନ କରିଥିଲେ। ତିଲେଇବଣି ବ୍ଲକ୍‌ର ଟାଇଁସର୍ ଆମ ଅଙ୍ଗନୱାଡ଼ି କେନ୍ଦ୍ର, ତିଲେଇବଣି ଗ୍ରାମପଞ୍ଚାୟତ ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କଂସରକୁ ଯାଇ ଛାତ୍ରୀଛାତ୍ରମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ କଥା ହୋଇ ମଧାହ୍ନ ଭୋଜନ ହେଉଥିବା ଖାଦ୍ୟ ତନଖି ଦେଖିଥିଲେ। ସ୍କୁଲକୁ ବଣ୍ଟନ ହେଉଥିବା ଚାଉଳର ଷ୍ଟକ୍ ରେଜିଷ୍ଟର ତନଖିବା ସହିତ, ସ୍କୁଲର ଶିକ୍ଷକଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ତିଲେଇବଣି ଗ୍ରାମ ପଞ୍ଚାୟତକୁ ଯାଇ ୫ଜଣ ପ୍ରଭାସି ଶ୍ରମିକଙ୍କୁ ରାଶନ୍ କାର୍ଡ ବଣ୍ଟନ କରିଥିଲେ। ତିଲେଇବଣି ବ୍ଲକ୍ ଅଫିସ୍ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସାହୁ ବ୍ଲକରୁ ବଣ୍ଟନ ହେଉଥିବା ସାମଗ୍ରୀ ଉପରେ ସମୀକ୍ଷା କରିଥିଲେ। ଏହା ସହିତ ସରକାରଙ୍କ ବିଭିନ୍ନ ଯୋଜନା ଯେପରି ଲୋକମାନେ ସୁବିଧାରେ ପାଇ ପାରିବେ ସେ ନେଇ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଯୋଗାଣ ଅଧିକାରୀ କେଦାରନାଥ ନାଏକ, ତିଲେଇବଣି ବ୍ଲକ ଯୋଗାଣ ଅଧିକାରୀ ସୁନିଲ କୁମାର ଜେନା, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବନ୍ଦିତା ରାଉତରାୟ ଓ ଓମ୍‌ଶାନ୍ତି ଏସ୍‌ଏଚ୍‌ଜି ସଂଯୁକ୍ତା ନାଏକ ପ୍ରମୁଖ ଉପସ୍ଥିତ ଥିଲେ।


ଟାଇଁସର୍ ଅଙ୍ଗନୱାଡ଼ି କେନ୍ଦ୍ରରେ ପିଲାଙ୍କ ସହ ରାଜ୍ୟ ଖାଦ୍ୟ ଆୟୋଗ ଅଧକ୍ଷ ଏବଂ ଅନ୍ୟମାନେ।

# ବିଦ୍ୟୁତ୍ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା, ଜଣେ ଗିରଫ

ଝାରସୁଗୁଡ଼ା,୨୧।୧୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଟିପିଡବ୍ଲ୍ୟୁଓଡିଏଲ ବିଦ୍ୟୁତ୍ ସେକ୍ସନ କାର୍ଯ୍ୟାଳୟର ବିଦ୍ୟୁତ୍ ଲାଇନମେନ୍ ରାଜେଶ ରାୟ (୨୮)ଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଚୁନାଭଟାର ଟିକା କାନ୍ତ(୨୬)। ବୁଧବାର ଅପରାହ୍ନ ପ୍ରାୟ ୩ଟାରେ ଟିକା ବ୍ରଜରାଜନଗରସ୍ଥିତ ବିଦ୍ୟୁତ ସେକ୍ସନ କାର୍ଯ୍ୟାଳୟକୁ ଯାଇ ତାଙ୍କ ଘର ବିଦ୍ୟୁତ୍ ସଂଯୋଗ କିଏ ବିଚ୍ଛିନ୍ନ କରିଛନ୍ତି ବୋଲି ରାଜେଶଙ୍କୁ ପ୍ରଶ୍ନ କରିଥିଲେ। ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ନେଇ କୌଣସି ସୂଚନା ନ ଥିବା ରାଜେଶ କହିଥିଲେ। ଏଥିରେ ଟିକା କ୍ରୋଧାଗ୍ରସ୍ତ ହୋଇ ରାୟଙ୍କ ଉପରକୁ ଏକ ଛୁରୀରେ ଆକ୍ରମଣ କରିଥିଲେ। ମରଣାନ୍ତକ ଆକ୍ରମଣରୁ ଅଳ୍ପକେ ରକ୍ଷା ପାଇ ଯାଇଥିଲେ ରାୟ। ଏହା ପରେ ପୁନର୍ବାର କାନ୍ତ ରାୟଙ୍କୁ ଗାଳିଗୁଲଜ କରିବା ସହିତ ହାତ ଉଠାଇଥିଲେ। ପରବର୍ତ୍ତି ସମୟରେ ଟିକା ରାୟଙ୍କୁ ଜୀବନରୁ ମାରି ଦେବାକୁ ମଧ ଧମକ ଦେଇଥିଲେ। ଏ ନେଇ ବ୍ରଜରାଜନଗର ଥାନାରେ ରାୟ ଏକ ଏତଲା ଦାୟର କରିଥିଲେ। ପୋଲିସ୍ ଭାରତୀୟ ନ୍ୟାୟ ସଂହିତା ୨୦୨୩ ଅନ୍ତର୍ଗତ ସେକ୍ସନ ୧୨୬(୨), ୧୧୫(୨), ୧୦୯ ଏବଂ ୩୫୧(୨)ରେ ଏକ ମାମଲା ରୁଜୁ କରି ଟିକା କାନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଖରିଫ ଧାନ ବିକ୍ରି ସମୀକ୍ଷା କଲେ ମନ୍ତ୍ରୀ, ବିଧାୟକ

ଝାରସୁଗୁଡ଼ା,୨୧।୧୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ସର୍କିଟ ହାଉସରେ ଗୁରୁବାର ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଏବଂ ଜଳ ସମ୍ପଦ ମନ୍ତ୍ରୀ ରବି ନାଏକ, ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ଖରିଫ ଧାନବିକ୍ରି ନେଇ ସମୀକ୍ଷା କରିଛନ୍ତି। ସମୀକ୍ଷା ବୈଠକରେ ଜିଲାପାଳ ଅବୋଲି ସୁନୀଲ ନରୱଣେ ଓ ଅନ୍ୟ ଅଧିକାରୀମାନେ ମଧ ଉପସ୍ଥିତ ରହିଥିଲେ। ବୈଠକରେ ଯେଉଁଠାରେ ଧାନ ବିକ୍ରି ମଣ୍ଡି ସ୍ଥାପନ ନିର୍ମିତ ଜାଗା ଅଭାବ ହେଉଛି, ସେଠାରେ ବ୍ୟବସ୍ଥା କରିବା ସହିତ କୁଇଣ୍ଟାଲ ପ୍ରତି ୩୧ଶହ ଟଙ୍କା, ଧାନବିକ୍ରି ଟଙ୍କା ଚାଷୀଙ୍କୁ ତ୍ୱରିତ ପ୍ରଦାନ, କଟନୀ ଛଟନୀ ବନ୍ଦ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବିଧାୟକ ତ୍ରିପାଠୀ ଜିଲାରେ ସରକାରୀ ଧାନ ବିକ୍ରି ପ୍ରକ୍ରିୟାରେ ଚାଷୀମାନଙ୍କ ପ୍ରତି ଯେଭଳି କୌଣସି ପ୍ରକାର ଅବହେଳା ନ ହୁଏ ସେଥିପ୍ରତି ଯତ୍ନଶୀଳ ହୋଇ କାର୍ଯ୍ୟ କରିବାକୁ କହିଥିଲେ। ପରେ ଜିଲାପାଳ ଜିଲା ଚାଷୀମାନଙ୍କ ଧାନ ବିକ୍ରି ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସହଯୋଗ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୋଗାଣ ଅଧିକାରୀ, ଜିଲା ପ୍ରକଳ୍ପ ଅଧିକାରୀ ଏବଂ ଅତିରିକ୍ତ ଜିଲାପାଳ ମଧ ଉପସ୍ଥିତ ରହିଥିଲେ।


ବୈଠକରେ ଉପସ୍ଥିତ ମନ୍ତ୍ରୀ, ବିଧାୟକ, ଜିଲାପାଳ ଏବଂ ଅନ୍ୟମାନେ।

# ଏସ୍‌ଟିଏଫ୍ ଦ୍ୱାରା ୧ ଟନ୍ ଗଞ୍ଜେଇ ଜବତ ଘଟଣାରେ ୨ ଗିରଫ

ଦେବଗଡ଼,୨୧।୧୧(ଶଶାଙ୍କ ଶେଖର ଝାଙ୍କର)

ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ଟାସ୍କ ଫୋର୍ସ ପକ୍ଷରୁ ଦେବଗଡ ଜିଲା ରିଆମାଳ ଥାନା ଅନ୍ତର୍ଗତ ବଞ୍ଜାରୀ ଗ୍ରାମରେ ଗତ ୬ ତାରିଖରେ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଚଢ଼ାଉ କରି ଏକ ଟନରୁ ଊର୍ଦ୍ଧ୍ୱ ପରିମାଣର ବେଆଇନ ଗଞ୍ଜେଇ ଜବତ କରିଥିଲା। ସେହିପରି ଏହି ଘଟଣାରେ ସମ୍ବଲପୁର ଜିଲା ରେଢାଖୋଲ ଥାନା ଅଞ୍ଚଳ ବିଶ୍ୱନାଥପୁର ଗ୍ରାମର ଆଶିଷ କୁମାର ବାରିକ (୩୭), ବରଗଡ ପୌରା ଅଞ୍ଚଳ ୧ ନମ୍ବର ୱାର୍ଡର ସୁବାସ ଶିକଦାର (୪୩), ଅନୁଗୋଳ ଜିଲା ହଣ୍ଡପା ଗ୍ରାମର ରତନ କିଶୋର ସାହୁ (୩୭) ଓ ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳ ତେଲିବଣି ଗ୍ରାମର ସମିତ ନାୟକ (୩୦)ଙ୍କୁ ଗିରଫ କରିବା ସହ ଚୋରା କାରବାରରେ ବ୍ୟବହୃତ ତିନୋଟି ଗାଡ଼ି ଜବତ କରିଥିଲା। ଏହି ଘଟଣାରେ ଗୁରୁବାର ପୁଣି ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ସୋନପୁର ଜିଲା ତରଭା ଥାନା ଅଞ୍ଚଳ ନନ୍ଦରା ଗ୍ରାମର କୃଷ୍ଣ ନାୟକ ଓ ଆକାଶ କୁମାର ମଲ୍ଲିକ ବୋଲି ଜଣାପଡିଛି। ସୂଚନାଯୋଗ୍ୟ ଯେ, ରିଆମାଳ ଥାନା ତଥା କଂସର ଫାଣ୍ଡି ଅନ୍ତର୍ଗତ ବଞ୍ଜାରୀ ଗ୍ରାମରେ ବିପୁଳ ପରିମାଣର ବେଅଇନ ଗଞ୍ଜେଇ ଗଚ୍ଛିତ ଥିବା ଗୁଇନ୍ଦା ସୂତ୍ରରୁ ସୂଚନା ପାଇ ସ୍ୱତନ୍ତ୍ର ଟାସ୍କ ଫୋର୍ସର ଏକ ଟିମ ଗତ ୬ ତାରିଖରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ସେଠାରେ ୮୭ଟି ବସ୍ତା ବେଆଇନ ଗଞ୍ଜେଇ ଠାବ କରାଯାଇଥିଲା। ସ୍ୱତନ୍ତ୍ର ଟିମ ଏହାକୁ ଜବତ କରିବା ସହ ବ୍ୟବହୃତ ତିନୋଟି ଯାନକୁ ଜବତ କରିଥିଲା। ପରବର୍ତ୍ତୀ ସମୟରେ ଅଧିକ ତଦନ୍ତ ନିମନ୍ତେ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗିରଫ ପେଷାଦାର ଗଞ୍ଜେଇ ବେପାରୀ ଆଶିଷ ବାରିକ ଓ ସୁବାସ ଶିକଦାରଙ୍କୁ ରିମାଣ୍ଡରେ ନେଇ ଘଟଣାର ଅଧିକ ତଦନ୍ତ ଚଳାଇଥିଲା। ତଦନ୍ତ ସମୟରେ ଏହି ଘଟଣାରେ ସୋନପୁର ଜିଲା ତରଭା ଥାନା ଅଞ୍ଚଳ ନନ୍ଦରା ଗ୍ରାମର କୃଷ୍ଣ ନାୟକ ଓ ଆକାଶ କୁମାର ମଲ୍ଲିକ ସାମିଲ ଥିବା ସେମାନେ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଆଗରେ ପ୍ରକାଶ କରିଥିଲେ। ଫଳରେ ସ୍ୱତନ୍ତ୍ର ଟାସ୍କ ଫୋର୍ସ କୃଷ୍ଣ ଓ ଆକାଶଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଥିଲା।



ଗିରଫ ୨ ଅଭିଯୁକ୍ତ।

